
THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ




ତୁମ ସ୍ୱପ୍ନକୁ ସାକାର କରିବାର ଶ୍ରେଷ୍ଠ ମାର୍ଗ ହେଉଛି ଜାଗ୍ରତ ହେବା ।
– ପଲ୍ ଭ୍ୟାଲେରି

♦ବର୍ଷ–୨ ♦ସଂଖ୍ୟା–୨ ♦ବରଗଡ଼ ♦୧୮–୨୪ ନଭେମ୍ବର ୨୦୨୨ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-2 ♦ISSUE- 2♦BARGARH ♦ 18-24 NOVEMBER 2022 ♦RS.5/- ♦PAGE-8

ଶାଳପତ୍ର ସାଜିଛି ଆଦିବାସୀଙ୍କ ଜୀବନଜୀବିକା
ପୃଷ୍ଠା–୩➔



ପରିସ୍ଥିତିରେ ପଡ଼ି ଅଭିନେତ୍ରୀ
ପୃଷ୍ଠା–୫➔



ପାରା କର୍ମଚାରୀଙ୍କ କଳାବ୍ୟାଚ ପରିଧାନ
ପୃଷ୍ଠା–୭➔



ବିଦେଶରେ ଭାରତୀୟ ବଂଶୋଦ୍ଭବ ଶାସକ
ପୃଷ୍ଠା–୮➔



# ଭୋଟ୍ ପୂର୍ବରୁ ଫାର୍ମର ପଲିଟିକ୍ସ

## ନିର୍ବାଚନ ପୂର୍ବରୁ ଭାଙ୍ଗିଲା ନିଦ

## ଚାଷୀ କାର୍ଡ ଖେଳୁଛନ୍ତି ବିଜେଡି ଓ ବିଜେପି




ଭୁବନେଶ୍ୱର/ବରଗଡ଼: ପଦ୍ମପୁର ଉପନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେବେ ଚାଷୀ । ଇନପୁଟ୍ ସବ୍‌ସିଡି ନ ମିଳିବା, ଫସଲ ବୀମା ପ୍ରଦାନରେ ବିଳମ୍ବ ସହ ଧାନ ବିକ୍ରି କ୍ଷେତ୍ରରେ ମଣ୍ଡି ସମସ୍ୟାକୁ ନେଇ ଦୁଇ ସପ୍ତାହରୁ ଅଧିକ ସମୟ ହେଲା ଧାରଣାରେ ବସିଛନ୍ତି ବରଗଡ ଚାଷୀ । ଧାନ ଅମଳ ଆରମ୍ଭ ହୋଇଗଲାଣି । କିନ୍ତୁ ଏବେ ଯାଏଁ ମଣ୍ଡି ଖୋଲିନାହିଁ । ଅମଳ ହୋଇଥିବା ଧାନ କେଉଁଠି ରଖିବେ ଚିନ୍ତାରେ ଚାଷୀ । ଏସବୁ ସମସ୍ୟା ଭିତରେ ଆରମ୍ଭ ହୋଇଯାଇଛି ରାଜନୀତି । ପଦ୍ମପୁର ଉପନିର୍ବାଚନ ପୂର୍ବରୁ ଉଭୟ ଓ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନେ ପଡ଼ିଛି ଚାଷୀଙ୍କ କଥା । ରାଜ୍ୟ ସରକାର ୨ ଶହ କୋଟି ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଘୋଷଣା କରିଥିବା ବେଳେ ଓଡ଼ିଶାର କୃଷକମାନଙ୍କୁ ମିଳି ନ ଥିବା ଫସଲ ବୀମା ରାଶି ଖୁବ୍‌ଶୀଘ୍ର ମିଳିଯିବ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଜଣାଇଛନ୍ତି । ଏହା ପରେ ପଦ୍ମପୁରରେ ଚାଷୀ ଭୋଟ୍‌କୁ ନେଇ ମୁହାଁମୁହିଁ ବିଜେଡି–ବିଜେପି । କେନ୍ଦ୍ରର ଫସଲ ବୀମା ରାଶି ବନାମ୍ ରାଜ୍ୟର ଇନପୁଟ୍ ସବ୍‌ସିଡି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କୁ ସହାୟତା ରାଶି ମିଳୁ ନ ଥିବାରୁ ବିଜେଡି କେନ୍ଦ୍ରକୁ ଟାର୍ଗେଟ୍ କରୁଥିବା ବେଳେ ରାଜ୍ୟ ସରକାରଙ୍କ ମୁଣ୍ଡରେ ଅଠା ବୋଳୁଛି ବିଜେପି । ଆଉ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା ପଦ୍ମପୁରରେ ।

ଗୋଟେ ପଟେ ବରଗଡ ଗାନ୍ଧି ଛକ ଠାରେ ଚାଷୀଙ୍କୁ ବୀମା ରାଶି ପ୍ରଦାନ ଦାବିରେ ଧାରଣାରେ ବସିଥିଲା ବିଜେଡି । ଅନ୍ୟପଟେ ପଦ୍ମପୁର ଠାରେ ସାମ୍ବାଦିକ ସମ୍ମିଳନୀ କରି ଚାଷୀଙ୍କୁ ଇନପୁଟ ସବସିଡି ଦାବି କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି । ଆଉ ତାର କିଛି ଘଣ୍ଟା ପରେ ପ୍ରଥମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା ପରେ ବୀମା ରାଶି କ୍ଲେମ୍ କରିବା ପାଇଁ ରାଜ୍ୟକୁ ନିର୍ଦ୍ଦେଶ ଦେଲେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର । କେନ୍ଦ୍ରମନ୍ତ୍ରୀଙ୍କ ଘୋଷଣାକୁ ଘଣ୍ଟାଏ ନପୂରୁଣୁ ରାଜ୍ୟ ସରକାର ଦେଖାଇଲେ ଚାଷୀ ଦରଦ । ମରୁଡି ବାବଦକୁ ୨ ଶହ କୋଟି ଟଙ୍କାର ଇନପୁଟ୍ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପଦ୍ମପୁର ଉପନିର୍ବାଚନକୁ ଦେଖି ଚାଷୀଙ୍କୁ ହାତରେ ରଖିବା ପାଇଁ ଇନ୍‌ପୁଟ୍ ସବସିଡି ଘୋଷଣା କରାଯାଇଥିବା ସ୍ପଷ୍ଟ । କାରଣ ୨୦୨୧ ଅକ୍ଟୋବର ୧୧ରେ ମରୁଡି ରିପୋର୍ଟ ମାଗିଥିଲେ ଏସ୍‌ଆରସି । ୨୦୨୨, ଜାନୁୟାରୀ ୧୫ ସୁଦ୍ଧା ଫସଲହାନୀ ରିପୋର୍ଟ ଦେବାକୁ କୁହାଯାଇଥିଲା । ସେହିପରି ରାଜ୍ୟରେ ମରୁଡି ଘୋଷଣା କରାଯାଇନଥିବା ଗତ ଜୁଲାଇ ୧୪ ତାରିଖରେ ବିଧାନସଭାରେ ତଥ୍ୟ ରଖିଥିଲେ ରାଜସ୍ୱ ମନ୍ତ୍ରୀ । ଅନ୍ୟପକ୍ଷରେ ଇନ୍‌ପୁଟ୍ ସବ୍‌ସିଡି ଘୋଷଣା ନେଇ ବଭିନ୍ନ ସମୟରେ ଚାଷୀ ଆନ୍ଦୋଳନ କରିଥିଲେ ମଧ୍ୟରେ ସରକାର କର୍ଣ୍ଣପାତ କରିନିଥିଲେ । ତେଣୁ ହଠାତ୍ ଚାଷୀଙ୍କୁ ଆର୍ଥିକ ସହାୟତା ଘୋଷଣା ନେଇ ସରକାରଙ୍କୁ ଟାର୍ଗେଟ୍ କରିଛି ବିଜେପି । ପଦ୍ମପୁର ଉପନିର୍ବାଚନ ନଥିଲେ ସରକାର ଆଦୌ ଆର୍ଥିକ ସହାୟତା ଘୋଷଣା କରିନଥାନ୍ତେ ବୋଲି ଦଳ କହିଛି । ଅନ୍ୟପକ୍ଷରେ ଚାଷୀ ପ୍ରଭାବିତ ହୋଇଥିଲେ ତାର ତାଲିକା ପ୍ରକାଶ କରିବାକୁ ବିଜେପି ଦାବି କରିଛି । ଏଣେ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜାନରୁ ବଞ୍ଚିତ ହେବା ପରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ସହ ଆଲୋଚାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହାପରେ କେତେକ ସମସ୍ୟା ଓ ବିବାଦ ଯୋଗୁଁ ଓଡ଼ିଶାର କୃଷକମାନଙ୍କୁ ମିଳି ନ ଥିବା ଫସଲ ବୀମା ରାଶି ଖୁବ୍ ଶୀଘ୍ର ମିଳିଯିବ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଜଣାଇଛନ୍ତି ।

ପଦ୍ମପୁର ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି । ଉପନିର୍ବାଚନ ପାଇଁ ପ୍ରମୁଖ ୩ଟି ଦଳ ସମେତ ୧୧ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ଦାଖଲ କରିଛନ୍ତି । ବିଜୁ ଜନତା ଦଳ ପ୍ରାର୍ଥୀ ବର୍ଷାରାଣୀ ସିଂ ବରିହା, ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ବିଧାୟକ ପ୍ରଦୀପ ପୁରୋହିତ, କଂଗ୍ରେସର ପ୍ରାର୍ଥୀ ସତ୍ୟଭୂଷଣ ସାହୁ ଓ ଓଡ଼ିଶା ଜନତା ପାର୍ଟି ତରଫରୁ ମୁକ୍ତେଶ୍ୱର ➔ପୃଷ୍ଠା–୭

## ସ୍ୱତନ୍ତ୍ର ଜିଲ୍ଲା ହେବ ପଦ୍ମପୁର !

ଭୁବନେଶ୍ୱର/ପଦ୍ମପୁର: ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ପାଇଁ ମିଳିଲା ପ୍ରତିଶ୍ରୁତି । ୨୦୨୩ ଡିସେମ୍ବର ୩୧ ସୁଦ୍ଧା ପଦ୍ମପୁରକୁ ଜିଲ୍ଲା ମାନ୍ୟତା ମିଳିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି । ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଏହି ସୂଚନା ଦେଇଛନ୍ତି । ବୈଠକରେ ଆଲୋଚନା ସଫଳ ହୋଇଥିବା କହିଛନ୍ତି କମିଟି ସଦସ୍ୟ । ଏବେ ପଦ୍ମପୁର ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗିଥିବାରୁ ନବୀନ ବିଧିବଦ୍ଧ ଘୋଷଣା କରି ନାହାନ୍ତି । ତେବେ ଏହାକୁ ବିଜେଡି ତାର ନିର୍ବାଚନ ଇସ୍ତାହାରରେ ସ୍ଥାନିତ କରିବାକୁ ପ୍ରତିଶ୍ରୁତି ଦେଇଛି । ତେବେ ପ୍ରତିଶ୍ରୁତି ନୁହେଁ, ଘୋଷଣା ଦରକାର ବୋଲି କହି ଉପଜିଲ୍ଲାପାଳଙ୍କ ଅଫିସ ସାମ୍ନାରେ ଧାରଣା ଜାରି ରଖିଛି ମିଳିତ କ୍ରିୟାନୁଷ୍ଠାନ କମିଟି । ସୂଚନାଯୋଗ୍ୟ, ୨୦୧୭ରେ ସରକାର ବିଧାନସଭାରେ ଅଲଗା ଜିଲ୍ଲା ଗଠନ ନେଇ କୌଣସି ଯୋଜନା ନାହିଁ ବୋଲି କହିଥିଲେ । ବିଧାନସଭାରେ ଏଇ ପ୍ରସଙ୍ଗ ଉଠାଇଥିଲେ ସେତେବେଳର ବିଜେପି ବିଧାୟକ ପ୍ରଦୀପ ପୁରୋହିତ । ୨୦୧୮ରେ ପ୍ରଦୀପ ପୁରୋହିତ ମୁଖ୍ୟମନ୍ତ୍ରୀଙ୍କୁଚିଠି ବି ଲେଖିଲେ । ହେଲେ ସରକାର ଚୁପ୍ ରହିଲେ । ନିର୍ବାଚନ ପୂର୍ବରୁ ୨୦୧୯ରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କଲା କ୍ରିୟାନୁଷ୍ଠାନ କମିଟି, ମୁଖ୍ୟମନ୍ତ୍ରୀ ବି ପ୍ରତିଶ୍ରୁତି ଦେଲେ ହେଲେ ପାଳନ କଲେନାହିଁ । ଏବେ ପୁଣି ଉପନିର୍ବାଚନ ପୂର୍ବରୁ ବିଜେଡି ସଭାପତି ପ୍ରତିଶ୍ରୁତି ଦେଇଛନ୍ତି । ବାରମ୍ବାର ପ୍ରତିଶ୍ରୁତି ପ୍ରତାରଣା ପାଲଟିଥିବାରୁ ଆଉ ଭରସା ନାହିଁ ବୋଲି କହିଛନ୍ତି ପଦ୍ମପୁରବାସିନ୍ଦା ।

ଅନ୍ୟପକ୍ଷେ, ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ଦାବିରେ ଦୀପ ଦାନ କରାଯାଇଛି । ➔ପୃଷ୍ଠା–୭

## ସମ୍ପାଦକୀୟ

### ଅଢେଇଦିନିଆ ସେଲିବ୍ରିଟୀ

## ହାତୀ ମୃତ୍ୟୁ ରୋକିବାକୁ ଚିହ୍ନଟ ହେବ କରିଡର୍

ଭୁବନେଶ୍ୱର: ରାଜ୍ୟର ସମସ୍ତ ହାତୀ କରିଡରକୁ ଚିହ୍ନଟ କରାଯିବ । ହାତୀମାନେ ଚଳପ୍ରଚଳ କରୁଥିବା ଅଞ୍ଚଳରେ ଏହି କରିଡର ଗୁଡ଼ିକୁ ଚିହ୍ନଟ କରାଯାଇ ସ୍ଥାନୀୟ ଜନସାଧାରଣଙ୍କୁ ହାତୀ ସୁରକ୍ଷା ପ୍ରସଙ୍ଗରେ ସଚେତନ କରାଯିବ । ହାତୀ ମୃତ୍ୟୁ ରୋକିବା ଲାଗି ପ୍ରସ୍ତୁତ କରାଯାଇଥିବା ଆକ୍ସନ ପ୍ଲାନ୍‌କୁ ଆସନ୍ତା ଡିସେମ୍ବର ସୁଦ୍ଧା ପୂର୍ଣ୍ଣାଙ୍ଗ ରୂପ ଦିଆଯିବ । ଏହି ଆକ୍ସନ ପ୍ଲାନ୍‌ରେ ଥିବା କେତେକ ପ୍ରସଙ୍ଗରେ ଡିସେମ୍ବର ସୁଦ୍ଧା ସଫଳ ରୂପାୟନ କରାଯିବ ବୋଲି ଜଏଣ୍ଟ ଟାସ୍କ ଫୋର୍ସ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଜରିଆରେ ଦର୍ଶାଯାଇଛି ।

ଆସନ୍ତା ଜାନୁଆରୀ ୧୮ ସୁଦ୍ଧା ଆକ୍ସନ ପ୍ଲାନ୍‌ର ରୂପାୟନ ନେଇ ରିପୋର୍ଟ ଦେବ ଜଏଣ୍ଟ ଟାସ୍କ ଫୋର୍ସ । ବିଦ୍ୟୁତ୍ ଆଘାତ ଜନିତ ହାତୀ ମୃତ୍ୟୁ ଏବଂ ରେଳ ଦୁର୍ଘଟଣା ଜନିତ ହାତୀ ମୃତ୍ୟୁ ରୋକିବା ପାଇଁ ଉଦ୍ୟମ କରାଯିବ । ଏନେଇ ବିଦ୍ୟୁତ୍ ବିତରଣ କମ୍ପାନୀଙ୍କ ସହ ଆଲୋଚନା ଜାରି ରହିଛି । ରେଳବାଇ ସହ ଆଲୋଚନା କରି ହାତୀ କରିଡରରେ ରେଳ ଦୁର୍ଘଟଣା ଜନିତ ➔ପୃଷ୍ଠା–୭

## ବରଗଡ଼ର ଦେଶୀ ହାଟ ଲାଗୁଛି ଗ୍ରାହକଙ୍କ ଲମ୍ବା ଲାଇନ

ବରଗଡ଼: ପୂରା ଶୁଦ୍ଧ । ଯେତିକି ସୁସ୍ୱାଦୁ, ସେତିକି ସ୍ୱାସ୍ଥ୍ୟବାନ । ଏହା ଖାଇଲେ ନା ରୋଗର ଭୟ ଅଛି, ନା ପେଟ ଖରାପ ହେବାର ଅଶଙ୍କା । କାରଣ ପଞ୍ଚାୟତରେ ବସୁଥିବା ହାଟରେ ସବୁ ପରିବା ଜୈବିକ ଖତରୁ ପ୍ରସ୍ତୁତ । କୌଣସି ବି ଚାଷୀ ରାସାୟନିକ ସାର କିମ୍ବା କୀଟନାଶକ ବ୍ୟବହାର କରନ୍ତି ନାହିଁ । ବରଗଡ଼ର ଏହି ହାଟାକୁ ନେଇ ବେଶ ଚର୍ଚ୍ଚା । ଦୂରଦୂରାନ୍ତ ପଞ୍ଚାୟତର ଲୋକ ଖାସ୍ ଏହି ପରିବା କିଣିବା ନିମନ୍ତେ ହାଟରେ ଜମାଉଛନ୍ତି ଭିଡ଼ । ବରଗଡ ଉପକଣ୍ଠ କଟାପାଲି ଗ୍ରାମରେ ବସୁଛି ଏହି ଦେଶୀ ହାଟଛ ସପ୍ତାହକୁ ଦୁଇଦିନ । ଏହାକୁ ନେଇ ସ୍ଥାନୀୟ ଲୋକେ ଯେତିକି ଖୁସୀ, ଚାଷୀ ମଧ୍ୟ ସେତିକି ଖୁସୀ । ଫସଲର ଉପଯୁକ୍ତ ମୂଲ୍ୟ ପାଇ ଚାଷୀ ଖୁସୀ ହେଉଥିବା ବେଳେ ବିନା ରସାୟନିକ ସାରରେ ପ୍ରସ୍ତୁତ ପନିପରିବା ପାଇ ଲୋକେ ଖୁସି । କଟାପାଲି, ବରଗାଁ, କମଗାଁ, ଅନ୍ତପାଲି, କର୍ଲାଜୁରୀ ଆଦି ୨୦ ଖଣ୍ଡ ଗ୍ରାମର ଚାଷୀମାନେ ନିଜର ପନିପରିବା ଏଠାକୁ ଆଣି ବିକ୍ରି ନିମନ୍ତେ ଆଣୁଛନ୍ତି । ହାଟରେ ମୂଳା, କଲରା, ଝୁଡ଼ଙ୍ଗ, ବାଇଗଣ, ସାଗ, ଟମାଟୋ, ଲଙ୍କା, କୋବି ପ୍ରଭୃତି ବିଭିନ୍ନ ପ୍ରକାରର ପନିପରିବା ପସରା ➔ପୃଷ୍ଠା–୭

# ଅଢେଇଦିନିଆ ସେଲିବ୍ରିଟୀ

ବିଶ୍ୱର ୮ ଅରବତମ ଶିଶୁ(ଏଇଟ୍ ବିଲିୟନଥ୍ ଚାଇଲ୍ଡ ବା ଇବିସି) ମଙ୍ଗଳବାର ବା ଗତ ନଭେମ୍ବର ୧୫ ତାରିଖରେ ଜନ୍ମ ନେଇଛି। ଦୁଇ ଦିନ ତଳୁ ରବିବାରଠାରୁ ବିଶ୍ୱର ସବୁ ଗଣମାଧ୍ୟମରେ ଏହାକୁ ଚର୍ଚ୍ଚା ଚାଲିଥିଲା। ଛୁଆ ତ ଜନ୍ମ ହୋଇସାରିଛି। କିନ୍ତୁ କେଉଁ ମହାଦେଶର କେଉଁ ଦେଶର କେଉଁ ରାଜ୍ୟର କେଉଁ ଜିଲ୍ଲାର କେଉଁ ଗାଁର କେଉଁ ଛୁଆ ଏହି ମାନ୍ୟତା ପାଇବ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଫିଲିପାଇନ୍ସର ଜନସଂଖ୍ୟା ଓ ବିକାଶ କମିଶନ କହିଛି ଯେ, ମାନିଲାର ତଣ୍ଡୋସ୍ଥିତ ଡକ୍ଟର ଯୋଶ୍ ଫାବେଲା ମେମୋରିଆଲ ହସ୍ପିଟାଲରେ ଜନ୍ମିତ ଶିଶୁ କନ୍ୟା ଭିନିସ୍ ମାବାଁସାଗ୍ ହେଉଛି ଇବିସି । ଅପରପଟେ ଡୋମିନିକାନ୍ ରିପବ୍ଲିକ୍‌ର ସାନ୍ତୋ ଡୋମିଙ୍ଗୋସ୍ଥିତ ନୁଏସ୍ତ୍ରା ସେନୋରା ଦା ଲା ଆଲ୍‌ଗ୍ରାସିଆ ମେଟରନିଟୀ ହସ୍ପିଟାଲରେ ଭୂମିଷ୍ଠ ହୋଇଥିବା ବେବି ଦାମିଅନକୁ ବି ଇବିସି ବୋଲି କୁହାଯାଉଛି। ଆଶ୍ଚର୍ଯ୍ୟଜନକଭାବେ ଯେଉଁଠି କିଛି ପ୍ରସିଦ୍ଧି, ପ୍ରଚାର ଓ ପ୍ରସାରର ସୁଯୋଗ ଥାଏ ସେଠି ଅନେକ ଭାରତୀୟ ରାଜନେତା ଆଣ୍ଠେଇ 'ଆମର ବା ଆମେ କଲୁ' ବୋଲି ନିଜ ପିଠି ଥାପୁଡେଇଥାନ୍ତି। ମାତ୍ର କାହିଁକି କେଜାଣି ୮ଅରବତମ ଶିଶୁ ଜନ୍ମର ଶ୍ରେୟ ନେବା ଲାଗି ଆମ ରାଜ୍ୟ ବା ଆମ ଦେଶର ସରକାର କିମ୍ବା ଅନ୍ୟ କୌଣସି ରାଜନେତା ଆଗେଇ ଆସି ନାହାନ୍ତି। ଦାରିଦ୍ର୍ୟ ସୀମାରେଖା ହେଉ, କିମ୍ବା ମୋଟ ଘରୋଇ ଉତ୍ପାଦ ବା ଦରଦାମ୍ ବୃଦ୍ଧି, ପରିସଂଖ୍ୟାନକୁ ତେଢାମେଢା କରି ଗୋଲାପି ଚିତ୍ର ଆଙ୍କିବାରେ ଓ ଭାରତୀୟଙ୍କୁ ସପନ ଧନକୁ କୁଣ୍ଢି ପାତିବା ଲାଗି ଉତ୍ସାହିତ କରିବାରେ ଭାରତରେ ଶାସକ ଗୋଷ୍ଠୀ ଓସ୍ତାଦ। ସେମାନେ ଚାହିଁଥିଲେ ଇବିସି ବି ଆମର ବୋଲି ପରିସଂଖ୍ୟାନ ଯୋଗେ ଦର୍ଶାଇ ପାରିଥାନ୍ତେ।

ଅତୀତକୁ ଫେରି ଚାହିଁଲେ ବିଶ୍ୱରେ ଆଗରୁ ପାଞ୍ଚ, ଛଅ, ସାତ ଅରବତମ ଛୁଆ ଜନ୍ମ ହୋଇଛନ୍ତି। ସେ ସମୟରେ ବି ନିଶ୍ଚିତ ଭାବେ କିଛିଟା ହୋଇଥିବ। କିନ୍ତୁ ସେମାନେ ଜନମାନସରୁ ବିସ୍ମରଣ ହୋଇଗଲେଣି। ସେମାନେ ଏବେ କେଉଁଠି, କଣ କରୁଛନ୍ତି ତାହା ଜାଣିବା ସକାଶେ କେହି ଆଗ୍ରହ ପ୍ରକାଶ କରୁଥିବା ଭଳି ଜଣାପଡୁନାହିଁ। ବିଦେଶ କଥା ଛାଡି, ଆମ ନିଜ ଅଗଣାକୁ ଦେଖିବା। ଭାରତବର୍ଷର ଅରବତମ ଶିଶୁ ଜନ୍ମ ନେଇଥିଲା ୨୦୦୦ ମସିହା ମେ ମାସ ୧୧ ତାରିଖରେ। ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଜନ୍ମିତ ଏହି ଶିଶୁଟି ଆଜିର ସ୍ଲୋଗାନ ପରିପ୍ରେକ୍ଷୀରେ ଥିଲା କନ୍ୟା ରତ୍ନ। କନ୍ୟାଟି ଅରବତମ ନାଗରିକ ବୋଲି ଆନୁମାନିକ ଗଣତିରୁ ଜଣାପଡିବା ପରେ ତାକୁ ଓ ନବଜାତିକାଙ୍କ ମାଆଙ୍କୁ ଏକ ସ୍ୱତନ୍ତ୍ର କ୍ୟାବିନ୍‌କୁ ନିଆଯାଇଥିଲା। ଶୁଭେଚ୍ଛା ଜଣାଇବା ସକାଶେ ମନ୍ତ୍ରୀ, ଅଫିସର, ନାମୀଦାମୀ ରିପୋର୍ଟରଙ୍କ ସୁଅ ଛୁଟିଲା। ରାଜନେତା ଯାଇଛନ୍ତି ମାନେ କେତେ ପ୍ରକାର ପ୍ରତିଶ୍ରୁତି ନବଜାତିକାଙ୍କ ପରିବାରକୁ ଦେଇଥିବେ, କେତେ ପ୍ରକାର ଘୋଷଣା ଗଣମାଧ୍ୟମରେ କରିଥିବେ ତାହା ଅନୁମେୟ। ଜନ୍ମ ହେଉ ନ ହେଉଣୁ, ଶିଶୁ କନ୍ୟାଟି ପାଲଟି ଗଲା ସେଲିବ୍ରିଟି। ତାଙ୍କ ଫଟୋ ଓ ସମ୍ବନ୍ଧିତ ଖବର ଜାତୀୟ ଓ ଆଞ୍ଚଳିକ ସବୁ ଖବରକାଗଜରେ ପ୍ରକାଶ ପାଇଲା। ଟିଭିରେ ତାଙ୍କ ଖବର ଦମାଦମ୍ ଆସିଲା। ଏଠାରେ ସୂଚନାଯୋଗ୍ୟ ଯେ, ସେତେବେଳେ ସୋସିଆଲ ମିଡିଆର ପ୍ରାଦୁର୍ଭାବ ନ ଥିଲା। ଆଜି ୨୨ ବର୍ଷ ପରେ ତାଙ୍କ ନାଁ କ'ଣ ଥିଲା, ତାହା ଲକ୍ଷେ ଭାରତୀୟରେ ଜଣେ ମନେ ରଖିଥିବେ କି ନାହିଁ ସନ୍ଦେହ। ସେହି କନ୍ୟାଙ୍କ ନାଁ ହେଉଛି ଆସ୍ଥା ଆରୋରୋ। ବର୍ତ୍ତମାନ ନର୍ସ ପାଇଟି କରୁଥିବା ଆସ୍ଥା ରହୁଛନ୍ତି ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ନଜଫଗଡ ଇଲାକାରେ।

ଦେଶର ଅରବତମ ନାଗରିକ ମର୍ଯ୍ୟାଦା ପାଇବା ସମ୍ପର୍କରେ ଆସ୍ଥା କହିଛନ୍ତି ଯେ, ଏହା ଏକ ଫମ୍ପା ସୁନାମ। ଭଲ ପାଠ ପଢୁଥିଲେ ବି ଅର୍ଥାଭାବରୁ ପାଠ ପଢି ନ ପାରି ନର୍ସିଂ କରିବାକୁ ବାଧ୍ୟ ହୋଇଛନ୍ତି। ମାତ୍ର ଜନ୍ମ ପରେ ତାଙ୍କୁ ଦେଖିବାକୁ ଆସିଥିବା ନେତା ଓ ଅଫିସର କୁଆଡେ ଘୋଷଣା କରିଥିଲେ ଯେ, ତାଙ୍କ ଶିକ୍ଷା ମାଗଣା ହେବ, ଜୀବନ ସାରା ତାଙ୍କୁ ଚିକିତ୍ସା ଖର୍ଚ୍ଚ ଦେବାକୁ ପଡିବ ନାହିଁ, ଭାରତୀୟ ରେଳରେ ଯେତେବେଳେ ଯୁଆଡେ ଚାହିଁବେ ଯାଇପାରିବେ। ଏସବୁ ବାହାପିଆ ପ୍ରତିଶ୍ରୁତି ଥିଲା। ତାଙ୍କୁ ଯଦି କିଛି ସହାୟତା ମିଳିଛି ତାହା ହେଉଛି ଜାତିସଙ୍ଘ ଜନସଂଖ୍ୟା ପାଣ୍ଠି ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ। ସେହି ଦୁଇ ସଂସ୍ଥା ଲକ୍ଷେ ଲେଖାଏଁ ଦେଇଥିଲେ। ସେହି ଦୁଇ ଲକ୍ଷ ଟଙ୍କାର ଫିକ୍ସଡ୍ ଡିପୋଜିଟ୍‌ର ସୁଧରେ ତାଙ୍କ ପାଠପଢା ଆଗକୁ ବଢିଥିଲା ବୋଲି ଆସ୍ଥା କହିଛନ୍ତି। ତାଙ୍କ ସେହି ଅଢେଇଦିନିଆ ସେଲିବ୍ରିଟୀ ଷ୍ଟାଟସକୁ ନେଇ ସେ ଲଜ୍ଜିତ। ଯେହେତୁ ସେ ପିଲାବେଳୁ ଗୋଟିଏ ସ୍କୁଲ୍‌ରେ ପଢିଥିଲେ ତେଣୁ ତାଙ୍କୁ ସମସ୍ତେ ଅରବତମ ଭାରତୀୟ ବୋଲି ଜାଣିଥିଲେ। ମାତ୍ର ସ୍କୁଲ ଛାଡି କଲେଜ୍‌କୁ ଯିବା ପରେ ସେ ତାଙ୍କ ସେହି ଅରବତମ ଭାରତୀୟ ଛାପା ଅନ୍ୟମାନଙ୍କଠାରୁ ଲୁଚେଇବା ଲାଗି ଯଥାସାଧ୍ୟ ଉଦ୍ୟମ କରିଥିଲେ। ବାପାଙ୍କ ରୋଜଗାର କମ୍ ହୋଇଥିବା କାରଣରୁ ତାଙ୍କ କଲେଜ ପାଠପଢା ବି ଠିକ୍‌ରେ ହୋଇ ପାରି ନ ଥିଲା। ନିମ୍ନ ମଧ୍ୟବିତ୍ତ ପରିବାରର ଅନ୍ୟ ପିଲାଙ୍କ ଭଳି ସେ ବି କିଛି ରୋଜଗାର ଚାହିଁ ନର୍ସିଂ କରୁଛନ୍ତି ବୋଲି ଆସ୍ଥା କହିଛନ୍ତି। ଅବଶ୍ୟ ଆମକୁ ଜଣା ନାହିଁ, ଉକ୍ତ ଦୁଇ ଶିଶୁ ବେବି ଦାମିଅନ୍ ଓ ଭିନିସ୍ ମାବାଁସାଗ୍ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ପରିବାରରେ ଜନ୍ମ ହୋଇଛନ୍ତି କି ନାହିଁ। ନଚେତ ସେମାନଙ୍କ ଭବିଷ୍ୟତ ସ୍ଥିତି ଆସ୍ଥାଙ୍କ ଅନୁରୂପ ହୋଇଯାଇପାରେ। କାରଣ ଫିଲିପାଇନ୍ସ ଓ ଡୋମିନିକାନ୍ ରିପବ୍ଲିକ୍‌ର ସାଧାରଣ ନାଗରିକଙ୍କ ସ୍ଥିତି ଆମ ଭାରତବର୍ଷର ଆମ୍ ଆଦ୍‌ମୀଠାରୁ ବିଶେଷ କିଛି ଭିନ୍ନ ନୁହେଁ।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା ଲାଗି ଲେଖା ପଠାଇବା ଠିକଣା**
ଇମେଲ୍- aadharodisha8@gmail.com
ଯୋଗାଯୋଗ-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# ଭାରତ ଓ ଇରାନରେ ହିଜାବ୍ ବିରୋଧର ଏକ ତୁଳନା

ଏମ୍‌ଡି ଓବୈଦୁଲ୍ଲା



ହିଜାବ ବା ମୁସଲମାନ ମହିଳାମାନଙ୍କ ସମସ୍ତକକୁ ଆବରଣ କରୁଥିବା ଏକ ବସ୍ତ୍ର ଓ ଇରାନରେ ଏହାକୁ ନେଇ ବିରୋଧ ହେବା ପରେ ପୁଣିଥରେ ଏହା ଧ୍ୟାନ ଆକର୍ଷଣ କରିଛି । ଏହି ବିରୋଧରେ ସେତେବେଳେ ଜନ୍ମ ନେଲା, ଯେତେବେଳେ ମହାସା ଅମିନି ନାମକ ଏକ ୨୨ ବର୍ଷୀୟ ଯୁବତୀ, ଇରାନର ନୈତିକତା ପୋଲିସ୍ ହେପାଜତରେ ମୃତ୍ୟୁବରଣ କରିଥିଲେ । ଇରାନରେ ହିଜାବ ବିରୋଧରେ କିଛି ମାସ ପୂର୍ବରୁ ଭାରତର କର୍ଣ୍ଣାଟକ ରାଜ୍ୟରେ ମୁସଲମି ବାଳିକାମାନଙ୍କୁ ହିଜାବ ପରିଧାନ କରି କଲେଜକୁ ପ୍ରବେଶ କରିବାରୁ ବାରଣ କରାଯାଇଥିଲା । ଯାହା ଫଳରେ ଅନେକ ବିରୋଧ ତଥା ରାଜ୍ୟ ସରକାରଙ୍କ ଆଦେଶ ବିରୋଧରେ ଉଚ୍ଚନ୍ୟାୟାଳୟ ଓ ସୁପ୍ରିମ୍‌କୋର୍ଟରେ ଅନେକ ଯାଚିକା ଦାୟର ମଧ୍ୟ କରାଯାଇଥିଲା । ଫ୍ରାନ୍ସ ଭଳି ୟୁରୋପୀୟ ଦେଶରେ ଏକ ମୁସଲିମ୍ ମହିଳା ସର୍ବସାଧାରଣ ସ୍ଥାନରେ ହିଜାବ ପରିଧାନ କରିବା ଲୋକପ୍ରିୟ ସଂସ୍କୃତିର ବିପରିତ ଅଟେ । ତେଣୁ ଏହା ସର୍ବଦା ଏକ ବିର୍ତକର ବିଷୟ ହୋଇ ରହୁଛି ଯେ ହିଜାବ କଣ ମହିଳାମାନଙ୍କ ସ୍ୱାଧୀନତାର ଅଭିନ୍ନ ଅଙ୍ଗ ଅଟେ ନା ତାହା ତାଙ୍କ ସ୍ୱତନ୍ତ୍ରତା ଉପରେ କଟକଣା ଅଟେ । କିନ୍ତୁ ସମ୍ବିଧାନକୁ ପାଳନ କରୁଥିବା ବ୍ୟକ୍ତିମାନେ ସ୍ୱାଧୀନତା ଓ ଓ ସ୍ୱତନ୍ତ୍ରତାକୁ ସୁରକ୍ଷା ଦେବାକୁ ପ୍ରାଥମିକତା ଦେଇଥାନ୍ତି । ଏହିଭଳି ଜରୁରୀ ସ୍ୱାଧିନତା ମଧ୍ୟରେ ଗୋଟିଏ ହେଲା ଭିନ୍ନମତ ପୋଷଣ କରିବାର ଅଧିକାର ଓ ବ୍ୟକ୍ତିର ଅଧିକାର ପାଇଁ ସଂଘର୍ଷ କରିବାର ଅନୁମତି ।

ଭାରତ ଓ ଇରାନରେ ରହୁଥିବା ମହିଳା ମାନଙ୍କ ଦ୍ୱାରା ସେମାନଙ୍କ ଅଧୀକାର ପାଇଁ କରିଥିବାର ସଂଘର୍ଷର ଏକ ତୁଳନା କଲେ ଏହି ଆହୁରି ସ୍ପଷ୍ଟ ହେବ । ଇରାନ୍‌ରେ ଏକ ମିଶ୍ରିତ ଶାସନ ବ୍ୟବସ୍ଥା ଅଛି ଯେଉଁଠାରେ ସଂସଦ ଓ ରାଷ୍ଟ୍ରପତି ସହିତ ଧର୍ମଗୁରୁ ମଧ୍ୟ ଶାସନର ଅଂଶ ଅଟନ୍ତି । ଇରାନ୍‌ରେ ଇସଲାମିକ୍ ଧର୍ମବ୍ୟବସ୍ଥା ବ୍ୟକ୍ତିଗତ ଆଚାର ବ୍ୟବହାର କୁ ନିୟନ୍ତ୍ରଣ କରିଥାଏ । ତେଣୁ ସେଠାରେ ଲୋକମାନଙ୍କର ସ୍ୱାଧୀନତାର ଅଧିକାର ଓ ବିରୋଧ କରିବାର ଅଧିକାର ଅଳ୍ପ ଅଛି । ତେଣୁ ସାଧାରଣ ଜନତାଙ୍କ ବ୍ୟବହାରକୁ ଏଠାରେ ଉପର ସ୍ତରରୁ ତଳ ପର୍ଯ୍ୟନ୍ତ ନିୟନ୍ତ୍ରଣ କରାଯାଇଥାଏ । ଯଦିଓ ଏଠାରେ ଧର୍ମନିରପେକ୍ଷତାକୁ ଲକ୍ଷ୍ୟ କରି ଅଳ୍ପସଂଖ୍ୟକ ଯଥା ଆଜରବାଇଜେନିୟ, କୁର୍ଦ, ମଜାନଦାରାନିୟ ଓ ତୁର୍କମେନ ଇତ୍ୟାଦି ଲୋକଙ୍କୁ ମଧ୍ୟ ଅର୍ନ୍ତଭୁକ୍ତ କରାଯାଇଛି । ବର୍ତ୍ତମାନ ସେଠାରେ ହୋଇଥିବା ବିରୋଧର ନେତୃତ୍ୱ ମହିଳା ମାନେ ନେଇଥିଲେ, ଯେଉଁଠାରେ ସେଠାରେ ଉଚ୍ଚସ୍ତରରୁ ଶାସନ ତନ୍ତ୍ର ଦ୍ୱାରା ହେଉଥିବା ନିୟନ୍ତ୍ରଣକୁ ନେଇ ଅନେକ ଦିନରୁ ଅସନ୍ତୁଷ୍ଟ ଥିଲେ । ଏହା ବ୍ୟତୀତ ଭ୍ରଷ୍ଟାଚାର, ରାଜନୈତିକ ଦମନ ଓ ଅର୍ଥନୈତିକ କୁ-ପ୍ରବନ୍ଧନ ଇତ୍ୟାଦି ସମସ୍ୟା ଦ୍ୱାରା ଜନାତଙ୍କ ମଧ୍ୟରେ ଅସନ୍ତୋଷ ଭରି ରହିଥିଲା । ଏହି ବିରୋଧକୁ କଠୋରତାର ସହ ଦମନ କରାଯାଇଥିଲା ।, ଯାହା ଫଳରେ ଶହ ଶହ ଲୋକ ବନ୍ଦୀ ହୋଇଥିଲେ ଓ ୫୦ରୁ ଉର୍ଦ୍ଧ୍ୱ ଲୋକ ନିହତ ହୋଇଥିଲେ । ତେଣୁ ଏହିପରି ଶାସନ ବ୍ୟବସ୍ଥାରେ କଠୋର ଆଇନରୁ, ନ୍ୟାୟ ଓ ସ୍ୱାଧୀନତା ପାଇବାର ଆଶା ଅତ୍ୟନ୍ତ କ୍ଷୀଣଅଟେ ।

କିନ୍ତୁ ଭାରତ କ୍ଷେତ୍ରରେ, ଏଠାରେ ପରିଲକ୍ଷିତ ବହୁବାଦୀ ବ୍ୟବସ୍ଥାକୁ ସାମ୍ବିଧାନୀକ ନିୟମ ଓ ଏକ ଅଜବୁତ୍ ନ୍ୟାୟପାଳିକା ଦ୍ୱାରା ସୁରକ୍ଷିତ ରଖାଯାଇପାରିଛି । ନିଜର ବିରୋଧକୁ ପ୍ରକାଶ କରିବାର ପରିଧୀ ଏଠି ବଡ଼ । ଏବଂ ଏଠାରେ ସରକାରଙ୍କ ର୍ନିଣ୍ଣୟ ପ୍ରତି ଅସହମତ ହୋଇ ନିଜର ବିରୋଧ କରିବାର ଅଧୀକାର ମଧ୍ୟ ଦିଆଯାଇଛ । ଚାଷୀ, ସିଏଏ, ଏନ୍‌ଆର୍‌ସି ଓ ହିଜାବ୍ ମାମଲାକୁ ନେଇ ହୋଇଥିବା ବିରୋଧରୁ ଏହି ବ୍ୟବସ୍ଥାର ଦୃଢ଼ତାକୁ ଆମେ ସହଜରେ ହୃଦୟଙ୍ଗମ କରିପାରିବେ । ମୁସଲିମ୍ ମହିଳାଙ୍କ ନେତୃତ୍ୱରେ ହୋଇଥିବା ବିରୋଧ ତଥା ତାଙ୍କ ଦ୍ୱାରା ଉଚ୍ଚତମ ନ୍ୟାୟାଳୟରେ ଦାୟର କରାଯାଇଥିବା ଅଭିଯୋଗରୁ ଏହା ସହଜରେ ଅନୁମେୟ ଯେ କୌଣସି ପ୍ରକାର ଥୋପା ଯାଉଥିବା ଆଇନ କିମ୍ୱା ବ୍ୟବସ୍ଥାକୁ ବିରୋଧ କରିବା ପାଇଁ ଭାରତୀୟ ମହିଳା ମାନଙ୍କୁ ଅଧିକାର ଦିଆଯାଇଛି । ହିଜାବ୍ ମାମଲାଟି ବର୍ତ୍ତମାନ ଉଚ୍ଚତମ ନ୍ୟାୟାଳୟର ବିଚାରଧୀନ, ଏବଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରୁଥିବା ଭଳି ନିର୍ଣ୍ଣୟ ନିଶ୍ଚୟ ଭାବରେ ମାନନୀୟ ଉଚ୍ଚତମ ନ୍ୟାୟଳୟ ପ୍ରଦାନ କରିବେ । ଏହି ମାମଲାର ଶୁଣାଣି ବେଳେ ଉଚ୍ଚତମ ନ୍ୟାୟଳୟର ଜଣେ ବିଚାରପତି ସହ ଯୋଷଣ କରିଥିଲେ ଯେ ଏହି ମାମଲା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪ ଓ ୧୯ର ଅନ୍ତର୍ଗତ ଅଟେ କୌଣସି ପ୍ରକାର ହସ୍ତକ୍ଷେପ ମହିଳା ମାନଙ୍କ ଶିକ୍ଷା ଭଳି ମୌଳିକ ଅଧୀକାର ପାଇଁ ଅନ୍ତରାୟ ସୃଷ୍ଟି କରିବା ଉଚିତ୍ ନୁହେଁ ।

ଦୈନନ୍ଦିନ ଜୀବନରେ ମହିଳାମାନେ ତାଙ୍କ ସ୍ୱାଧୀନତା ଓ ସ୍ୱତନ୍ତ୍ରତା ପାଇଁ କରୁଥିବା ସଂଘର୍ଷ ପ୍ରତି ଆମେ ସଚେତନ ହୋଇ ତାଙ୍କର ସମସ୍ୟାକୁ ଶୁଣିବା ପାଇଁ ଚେଷ୍ଟା କରିବା ଉଚିତ୍ । ଇରାନର ଘଟଣାବଳୀକୁ ଅନୁଧ୍ୟାନ କଲେ ଆମେ ଜାଣିପାରିବା ଯେ ଭାରତୀୟ ମହିଳାଗଣ ଉନ୍ନତମାନର ଗଣତାନ୍ତ୍ରିକ ଅଧିକାର, ସ୍ୱାଧିନତା ଓ ସମାନତାକୁ ଉପଭୋଗ କରିଥାଆନ୍ତି । ସେମାନଙ୍କର ବିରୋଧ କରିବାର ଅଧିକାର ଅଛି କାରଣ ଭାରତରେ ଆଇନର ଶାସନ ସର୍ବୋପରି ଅଟେ ଯାହା ନ୍ୟାୟପାଳିକା ଦ୍ୱାରା ନିରପେକ୍ଷ ନିର୍ଣ୍ଣୟ ଦ୍ୱାରା ଆହୁରି ଦୃଢ଼ିଭୂତ ହୋଇଥାଏ । ତେଣୁ ବିରୋଧର ସଂସ୍କୃତିକୁ ଅନୁକରଣ ନ କରି ଆସନ୍ତୁ ଆମେ ସମସ୍ତେ ଭାରତୀୟ ନ୍ୟାୟପାଳିକାରେ ନିଜର ବିଶ୍ୱାସ ଆହୁରି ସଶକ୍ତ କରିବା ।

# ବିପଦର ଅପପ୍ରଚାରର ବିଶ୍ଳେଷଣ

## ଭାରତରେ ସଂଖ୍ୟାଲଘୁଙ୍କ ଏକ ଜୀବନ୍ତ ଅନୁଭୂତି

ଏମ୍‌ଡି ଇକ୍‌ବାଲ୍ ଜାଫର୍

ଭାରତ ଏକ ସାଂସ୍କୃତିକ ବିବିଧ, ପ୍ରତିସ୍ପର୍ଦ୍ଧା ସମ୍ପନ୍ନ ଗଣତାନ୍ତ୍ରିକ ରାଷ୍ଟ୍ର ଅଟେ ଓ ଯାହା ତାହାର ଆନୁଷ୍ଠାନିକ ସରଞ୍ଚନାରେ ମଧ୍ୟ ପ୍ରତିଫଳିତ ହୋଇଥାଏ । ଏହି ସଂସ୍ଥା ଗୁଡ଼ିକରେ ସମାଜର ସମସ୍ତ ବର୍ଗର ଜନସାଧାରଣ ପ୍ରତିନିଧିତ୍ୱ ଲାଭ କରିଥାନ୍ତି । ଉଦାହରଣ ସ୍ୱରୂପ ପୂର୍ବତନ ରାଷ୍ଟ୍ରପତି, ଯିଏ ଅନୁସୂଚିତ ଜାତିରୁ ଥିଲେ ତାଙ୍କଠାରୁ ଜଣେ ଆଦିବାସୀ ମହିଳା ବର୍ତ୍ତମାନର ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ସେହିପରି ଭାରତର ସଂସଦ ଓ ରାଜ୍ୟ ବିଧାନସଭାମାନଙ୍କରେ ମୁସଲମାନ, ଖ୍ରୀଷ୍ଟିଆନ ଓ ଅନ୍ୟ ସଂଖ୍ୟାଲଘୁଙ୍କ ଉଚିତ୍ ପ୍ରତିନିଧିତ୍ୱ ରହିଛି ।

ଭାରତ ସର୍ବଦା ନିଜର ଦେଶରେ ବାସକରୁଥିବା ସଂଖ୍ୟାଲଘୁ ବର୍ଗଙ୍କୁ ଉଚିତ୍ ସୁବିଧା ଓ ସୁଯୋଗ ପ୍ରଦାନ ପାଇଁ ସର୍ବଦା ତତ୍ପର । ଉଦାହରଣ ସ୍ୱରୂପ ସାମାଜିକ ସ୍ତରରେ ଅବହେଳିତ ମୁସଲମାନ (ପସମନ୍ଦା ମୁସଲମାନ) ଯେଉଁମାନେ ଏ ପର୍ଯ୍ୟନ୍ତ ଉପେକ୍ଷିତ ହୋଇ ରହିଥିଲେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସଶକ୍ତିକୃତ ହେଉଛନ୍ତି ।

ତେଣୁ ସଂଖ୍ୟାଲଘୁମାନେ ଯେ ବିପଦରେ ଅଛନ୍ତି, ଏହି ଅପପ୍ରଚାରକୁ ସଂଖ୍ୟାଲଘୁ ମାନେ ମୁଖ୍ୟତଃ ମୁସଲମାନମାନେ ଚିହ୍ନିବା ଉଚିତ୍ । ସଂଖ୍ୟାଲଘୁମାନେ ବିପଦରେ ଅଛନ୍ତି ବୋଲି କହି, ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏହି ବିଚାରଧାରାକୁ ଅନେକ ଦିନରୁ ବ୍ୟବହାର କରାଯାଇଛି । ଭାରତ ବିଭାଜନ ସମୟରେ ମହମ୍ମଦ ଅଲ୍ଲୀ ଜିନ୍ନା ଦ୍ୱାରା ଏହି ବିଚାରଧାରାକୁ ବହୁଳ ଭାବରେ ବ୍ୟବହାର କରାଯାଇଥିଲା । ତେଣୁ ଯେତେ ସବୁ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଅଛନ୍ତି ତାଙ୍କ ପାଇଁ ଏହା ଦୈନନ୍ଦିନ ବ୍ୟାପାର । ସେଥିପାଇଁ ଭାରତର ଉଦୀୟମାନ ମୁସଲମାନ ନେତୃବୃନ୍ଦଙ୍କୁ ଏହି ସବୁ ପ୍ରବୃତ୍ତିକୁ ପ୍ରତ୍ୟାଖାନ କରି, ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ କରାଯାଉଥିବା ଅବସର ଗୁଡ଼ିକର ସଦ୍‌ଉପଯୋଗ କରିବା ଉଚିତ୍ ।

ଭାରତ ବିବିଧତାରେ ଭରା ଏକ ବିଶାଳ ଦେଶ ଅଟେ । ଗତ ଶତାବ୍ଦୀରେ ଉଭୟ ସମୁଦାୟ ମଧ୍ୟରେ ଥିବା ବ୍ୟବଧାନର ମୁଖ୍ୟ କାରଣ ହେଲା ବିଭାଜନ ସମୟରେ ହୋଇଥିବା ସାମ୍ପ୍ରଦାୟିକ ରାଜନୀତି । ତେଣୁ ସମୟ ସମୟରେ ଅତୀତର ଏହି ଘଟଣାର ଭାବନାତ୍ମକ ପ୍ରସ୍ଫୁରଣ ଘଟିଥାଏ । କିନ୍ତୁ ଭାରତୀୟ ସଂସ୍କୃତି ସର୍ବଦା ବିବିଧତା ମଧ୍ୟରେ ଏକତାର ନୀତିକୁ ପ୍ରାଥମିକତା ଦେଇ ଆସିଛି । ଏଠାକାର ନାଗରିକଙ୍କ ସହିଷ୍ଣୁତା ଯୋଗୁ ବିଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ଘଟୁଥିବା ହିଂସା ଦ୍ୱାରା ଭାରିତ କେବେହେଲେ ବ୍ୟତିବ୍ୟସ୍ତ ହୋଇନାହିଁ । ବର୍ତ୍ତମାନର ଦୁନିଆରେ ବିଘଟନ ଓ ଆନୁଷ୍ଠାନିକ କ୍ଷୟର ଭୟ ମଧ୍ୟରେ, ବିବିଧତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଞ୍ଚାଇ ରଖିବା ଏକ କଠିନ ବ୍ୟାପାର ଅଟେ । ଯାଣ୍ଟା ମୌଙ୍କ ଭଳି ବିଚାରବାଦୀଙ୍କ ପାଇଁ ଏହା ମହାନ ପ୍ରୟୋଗ ହୋଇପାରେ କିନ୍ତୁ ଏକ ସାଧାରଣ ଭାରତୀୟ ପାଇଁ ଏହା ଜୀବନ୍ତ ଅନୁଭୂତି ଅଟେ ।

# ଶାଳପତ୍ର ସାଜିଛି ଆଦିବାସୀଙ୍କ ଜୀବନଜୀବିକା

## ଉଚିତ୍ ମୂଲ୍ୟ ନ ପାଇ ଅନାଟନରେ ଦିନ କାଟୁଛନ୍ତି ଶାଳ ପତ୍ର ଗୋଟାଳି




ମୟୁରଭଞ୍ଜ: ମୟୁରଭଞ୍ଜ ଜିଲ୍ଲା ଏକବଣ ଜଙ୍ଗଲ ଘେରା ଆଦିବାସୀ ବହୁଳ ଜିଲ୍ଲା ହୋଇଥିବା ହେତୁ ଏଠାକାର ଆଦିବାସୀ ମାନେ ପ୍ରାୟତଃ ମୁଖ୍ୟ ଚାଷ ଓ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ର୍ନିଭର କରି ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତି । ତେବେ ବର୍ତ୍ତମାନର ସମୟରେ ଦୁର୍ଗମ ଅଞ୍ଚଳ ଗୁଡିକରେ ଜୀବନ ଜୀବିକାର ସାହାରା ସାଜିଛି ଜଙ୍ଗଲର ଶାଳ ପତ୍ର । ପ୍ରକୃତରେ ମୟୁରଭଞ୍ଜ ଜିଲ୍ଲା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର । ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ସାଙ୍ଗକୁ ଅନେକ ପ୍ରକାରର ଗଛରେ ପରିପୂର୍ଣ୍ଣ । ଏଠାକାର ଆଦିବାସୀ ମାନେ ଭାରି ସରଳ, ନିଜ ଚାଷ କାର୍ଯ୍ୟ ଓ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ବିଶେଷ ଭାବେ ର୍ନିଭର କରି ଚଳିଥାନ୍ତି । ଋତୁ ପରିବର୍ତ୍ତନ ଅନୁସାରେ ଜଙ୍ଗଲରୁ ମିଳୁ ଥିବା ଦ୍ରବ୍ୟ ଉପରେ ଭରଷା କରନ୍ତି । ବର୍ତ୍ତମାନର ଆଧୁନିକ ଯୁଗରେ ମଧ୍ୟ ଜଙ୍ଗଲ ଜାତ ଦ୍ରବ୍ୟର ସାମଗ୍ରୀ ଉପରେ ବଜାରରେ ଅନେକ ଚାହିଦା ରହିଛି । ତେବେ ସେଥି ମଧ୍ୟରୁ ଦେଖିବାକୁ ଗଲେ ବଜାରରେ ଶାଳ ପତ୍ରରେ ତିଆରି ଦନା,ପ୍ଲେଟ ଓ ଅନ୍ୟାନ୍ୟ ସାମଗ୍ରୀର ଚାହିଦା ରହିଛି । ହେଲେ ଅଭାବରେ ଦିନ କାଟୁଛନ୍ତି ଶାଳ ପତ୍ର ଗୋଟାଳି । କଞ୍ଚା ଶାଳ ପତ୍ର ଗୋଟାଉଥିବା ପରିବାରକୁ ଏହାର ଉଚିତ ମୂଲ୍ୟ ମିଳି ପାରୁନାହିଁ । ଫଳରେ ଅଭାବ ଅନାଟନରେ ଦିନ କାଟୁଛନ୍ତି ଶାଳ ପତ୍ର ଗୋଟାଳି ମାନଙ୍କ ପରିବାର । ପେଟ ଚାଖଣ୍ଡେ ପାଇଁ ପ୍ରତିଦିନ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିଥାନ୍ତି ଏହି ଶାଳ ପତ୍ର ଗୋଟାଳି ମାନେ । ଏମାନେ ସରକାରଙ୍କ ଠାରୁ କୌଣସି ପ୍ରକାର ପ୍ରୋତ୍ସାହନ ରାଶି କିମ୍ବା ଅନ୍ୟ ସହାୟତା ପାଇ ପାରୁନାହାନ୍ତି । ଯଦିଓ ସରକାରଙ୍କ ତରଫରୁ ଏମାନଙ୍କ ପାଇଁ କୌଣସି ମଣ୍ଡିର ବ୍ୟବସ୍ଥା କରାଯାଇ ପାରନ୍ତା ତେବେ ପ୍ରକୃତ ମୂଲ୍ୟ ଏମାନେ ପାଇ ପାରନ୍ତେ । ତେବେ ବଜାରରେ ପ୍ଲାଷ୍ଟିକ୍‌ରେ ତିଆରି ସାମଗ୍ରୀର ଚାହିଦା ଅଧିକ ଥିବା ହେତୁ ଏବେ ଶାଳ ପତ୍ରରେ ତିଆରି ସାମଗ୍ରୀକୁ ବିକ୍ରି କରୁଥିବା ଗୋଟାଳି ମାନଙ୍କ ପରିବାର ଦୁର୍ଦ୍ଦିନରେ ବୋଲି କୌଶଲ୍ୟା ନାଏକ ନାମକ ପତ୍ର ଗୋଟାଳି କହିଛନ୍ତି ।

କଞ୍ଚା ଶାଳ ପତ୍ରକୁ ଜଙ୍ଗଲରୁ ତୋଳି ଆଣି, ବାଉଁଶ ଖଡ଼ିକା ସାହାଯ୍ୟରେ ସିଲେଇ କରି ସାରିଲା ପରେ ତାକୁ ଖରାରେ ଶୁଖେଇ, ଗୋଟି ଗୋଟି କରି ସେଗୁଡିକୁ ପୁଣି ଗଣି ଗଣି୧୦୦୦ ଲେଖାଏଁ ବଣ୍ଡଲ କରି ମହାଜନ ମାନଙ୍କୁ ବିକ୍ରି କରିଥାନ୍ତି । ଏକ ହଜାର ଖଲି, ଦନାକୁ ୧୫୦ରୁ ୨୦୦ ଟଙ୍କା ମଧ୍ୟରେ ବିକ୍ରି କରିଥାନ୍ତି । ମହାଜନ ମାନେ ତାକୁ ନେଇ ବିଭିନ୍ନ ସ୍ଥାନରେ ଥିବା ଖଲି ଚୌପତି ମେସିନ ମାଲିକଙ୍କୁ ବିକି ଥାନ୍ତି । ଜୀବନ ଜୀବିକା ପାଇଁ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ଭରସା କରିଥାନ୍ତି ଏମାନେ ହେଲେ ସରକାର ଏମାନଙ୍କ ପ୍ରତି କୌଣସି ଥଇଥାନ କିମ୍ବା ଶାଳ ପତ୍ର ମଣ୍ଡି ତିଆରି କରି ନାହାନ୍ତି । ଅନ୍ୟପଟେ ଯେଉଁ ଅଧିବାସୀ ମାନେ ଶାଳ ପତ୍ର ବିକୁଛନ୍ତି ସେମାନଙ୍କ ପାଇଁ ବଜାରରେ ଦର ଦାମ ଫିକ୍ସ ହେବା ଆବଶ୍ୟକ ମନେ ହୁଏ । ଦଲାଲ ବା ମଧ୍ୟସ୍ତି ମାନେ ଶାଳ ପତ୍ର ଗୋଟାଳି ମାନଙ୍କ ଠାରୁ କମ ଦରରେ ଶାଳ ପତ୍ର କିଣୁ ଥିବା ପ୍ରକାଶ କରିଛନ୍ତି । ଫଳରେ ପତ୍ର ଗୋଟାଳି କ୍ଷତି ସହୁଛନ୍ତି । ତେବେ ବଜାରରେ ଶାଳ ପତ୍ରରୁ ତିଆରି ଦନା, ଖଲି ଅନେକ ସାମଗ୍ରୀ ଆଦିକୁ ଗ୍ରାହକ ବେଶ ପସନ୍ଦ କରିଥାନ୍ତି । ବ୍ରତ ଠାରୁ ଆରମ୍ଭ କରି ବିବାହ ଭୋଜି, ହୋଟେଲ ମାନଙ୍କ ପରେ ଅନେକ କାର୍ଯ୍ୟରେ ଆସିଥାଏ ଶାଳ ପତ୍ରରେ ତିଆରି ସାମଗ୍ରୀ । ତେବେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ଜଙ୍ଗଲ ଜାତ ଦ୍ରବ୍ୟ ପାଇଁ କୌଣସି ମଣ୍ଡିର ବ୍ୟବସ୍ଥା କାହିଁକି ହୋଇ ପାରୁନାହିଁ । କେବଳ ମଧ୍ୟସ୍ତି ମାନେ କମ ଦରରେ କିଣି ଅଧିକ ଦରରେ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି ।

# ପେଟ୍ ଆନିମଲ୍ ପାଇଁ ଆସିବ ଗାଇଡ଼ଲାଇନ

ଭୁବନେଶ୍ୱର: ଘରେ ପେଟ ଆନିମଲ ରଖୁଥିଲେ ସାବଧାନ । ବିଏମସି ଆଣିବ ନୂଆ ଗାଇଡ଼ଲାଇନ । ଘରେ ରଖୁଥିବା କୁକୁର ହେଉ କି ଗାଈ ମାଲିକମାନେ ବିଏମସି ଅଫିସରେ ରରେଜିଷ୍ଟ୍ରେସନ କରାଇବେ । ମାସକୁ ମାସ ତାଙ୍କର ଭ୍ୟାକ୍ସିନେସନ ହେଉଛି କି ନାହିଁ, ସଫା ସୁତୁରା ସହ ସ୍ୱାସ୍ଥ୍ୟ ଅବସ୍ଥାର ଯାଞ୍ଚ କରିବ ବିଏମସି । ମାଲିକ ମାନେ ଯେଉଁ ପୋଷା ପଶୁମାନଙ୍କୁ ଘରେ ରଖୁଛନ୍ତି ସେମାନଙ୍କୁ ଠିକ



ପ୍ରଶିକ୍ଷଣ ଦେବେ । ତାଙ୍କ ପାଇଁ ସୁସ୍ଥ ପରିବେଶ ଯୋଗାଇବେ । ଯଦି ଏହା ନ କରନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରାଯିବ । ଖୁବ୍‌ଶୀଘ୍ର ବିଏମସି ଏହା ପାଇଁ ର୍ନିଦ୍ଦିଷ୍ଟ ଗାଇଡ଼ଲାଇନ ଆଣିବାକୁ ଯାଉଛି । ଘରେ ରଖୁଥିବା ପଶୁ ଯେମିତି ଅନ୍ୟ ଲୋକଙ୍କୁ କ୍ଷତି ନ ପହଞ୍ଚାଏ ତା ଉପରେ ଗୁରୁତ୍ୱ ଦେବେ ମାଲିକ । ଯଦି ଏହା ନ କରନ୍ତି କୌଣସି ଲୋକେ ବିଏମସିରେ କମ୍ପ୍ଲେନ କରନ୍ତି ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମସି କମିଶନର ଅମୃତ ସିଂ କୁଲାଙ୍ଗେ କହିଛନ୍ତି । ବିଏମସି ଏ ବାବଦରେ ଆଗକୁ ଭେଟନାରୀ ଡାକ୍ତରୀ ଟିମମାନଙ୍କ ସହ ମଧ୍ୟ ଆଲୋଚନା କରିବ ।

# ଚକଡ଼ା ପୋକ ଆତଙ୍କରେ ଚାଷୀ

ଢେଙ୍କାନାଳ: ଚକଡ଼ା ପୋକ ଆତଙ୍କରେ ଚାଷୀ ଆତଙ୍କିତ ହୋଇପଡ଼ିଛନ୍ତି । ପୋକ ଦମନ ପାଇଁ ଯାହା ବି ଔଷଧ ସିଞ୍ଚନ କଲେ ମଧ୍ୟ କିଛି ବି ଫଳ ମିଳୁନାହିଁ । କୃଷି ବିଭାଗର କର୍ମଚାରୀ ଗାଁ ଗାଁ ବୁଲି ଲୋକଙ୍କୁ ପ୍ରତିକାର ଓ ନିରାକରଣ ପାଇଁ ଦେଉଛନ୍ତି ପରାମର୍ଶ । ଧାର କରଜ କରି ଚାଷ କରିଥିବା ଚାଷୀ କରଜ ସୁଝିବା ଚିନ୍ତାରେ । କ୍ଷତିପୂରଣ ନ ମିଳିଲେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି । ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକର ଅଧିକାଂଶ ଲୋକେ ଚାଷ ଉପରେ ର୍ନିଭରଶୀଳ । ଚଳିତ ବର୍ଷ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବୃଷ୍ଟିପାତ ହୋଇଥିଲା । ଯେଉଁଥିପାଇଁ ଧାନ ଭଲ ହୋଇଥିବା ବେଳେ, ଅଧିକ ଅମଳର ଆଶା ରଖି ଧାର କରଜ କରି ଉନ୍ନତମାନର ଔଷଧ କ୍ଷେତରେ ସିଞ୍ଚନ କରିଥିଲେ ଚାଷୀ । କିଛି ଦିନ ହେ ଅଜଣା ପୋକ ଆସି ଧାନ ଗଛ ମୂଳରେ ଲାଗିଛନ୍ତି । ଗଛକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ସହ ଲାଲ୍ ହୋଇ ଚକ ବନ୍ଦୀ ହୋଇ ଗଛ ସବୁ ପୋଡ଼ି ଯାଉଛି । ଏହାକୁ ଚକଡ଼ା ପୋକ ବୋଲି ଚାଷୀ ଅନୁମାନ କରୁଛନ୍ତି । ଫଳରେ ଏକର ଏକର ଚାଷ ଜମି ନଷ୍ଟ ହେବାକୁ ବସିଲାଣି ।

# ବିକାଶଠୁ ଦୂରରେ ସୁଆଁପାଳ ଗାଁ: ମିଳୁନି ମୌଳିକ ସୁବିଧା

ମୟୁରଭଞ୍ଜ: ଏମିତି ଏକ ଗାଁ । ଯାହାର ନାଁ ହେଲା ସୁଆଁପାଳ । ମୟୁରଭଞ୍ଜ ଜିଲ୍ଲା ଯଶୀପୁର ତହସିଲ ଅନ୍ତର୍ଗତ ଏହି ଗାଁରେ ପ୍ରାୟ ୧୩୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ହେଲେ ଆଜି ଯାଏଁ ସରକାରଙ୍କ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଏଠାକାର ଗ୍ରାମବାସୀ । ପାନୀୟ ଜଳ, ଆବାସ ଯୋଜନାରେ ଘର, ପକ୍କା ସଡ଼କ, ଭତ୍ତା ଇତ୍ୟାଦି ଠାରୁ ବଞ୍ଚିତ ଏଠାକାର ଲୋକେ । ଗାଁକୁ ପହଞ୍ଚି ପାରିନି ବିକାଶ, ଏବେବି ବିକାଶ ଠାରୁ ଅପହଞ୍ଚ ଏଠାକାର ପରିବାର । ସରକାରଙ୍କ ମୌଳିକ ସୁବିଧା ସୁଯୋଗ ଏଠି ସାତ ସପନ । ପାନୀୟ ଜଳ ପାଇଁ ନାନା ପ୍ରକାରର ଅସୁବିଧା ଭୋଗ କରୁଛନ୍ତି ଏଠାକାର ଗ୍ରାମବାସୀ । ଗାଁରେ ଖଣ୍ଡିଏ ନଳ କୂଅଟେ ନାହିଁ । ଗାଁ ଦେଇ ପ୍ରବାହିତ ହେଉଥିବା ନଦୀ କୁଳରୁ ଚୁଆ ପାଣି ବ୍ୟବହାର କରୁଛନ୍ତି ଲୋକେ । ବର୍ଷା ଦିନେ ଚାଳରୁ ଯେଉଁ ପାଣି ଝରେ ତାକୁ ସଂଗ୍ରହ କରି ଛାଣି ରଖି ବ୍ୟବହାର କରିଥାନ୍ତି । ଘରକୁ ଘର ପାଣି ପାଇପ ସଂଯୋଗ ହୋଇଥିଲେ ମଧ୍ୟ ଆଜି ଯାଏଁ ପାଣି ଟୋପାଏ ପାଇ ପାରିଲେ ନାହିଁ ଏଠିକାର ଅଧିବାସୀ ।

ଏବେବି ଏଠାରେ ଲୋକେ ଭଙ୍ଗା ଦଦରା ପଲିଥିନ ଟଣା, ଚାଳ ଛପର ଘରେ ରହୁଛନ୍ତି । ଆବାସ ଯୋଜନାରେ ଘରଟିଏ ପାଇଁ ଅପେକ୍ଷା କରି କରି ଚାଳ ଘର ଗୁଡିକ ମଧ୍ୟ ମାଟିରେ ମିଶି ବାକୁ ବସିଲାଣି । ସରପଞ୍ଚଙ୍କ ଠାରୁ ବିଡିଓ ଓ ଉପରିସ୍ଥ ଅଧିକାରୀ ମାନଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଆଜି ଯାଏଁ କାହିଁକି ନେଇ ପାରୁନାହିଁ ତାହା ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାସ୍ତା କଥା ନକହିବା ଭଲ । ଗ୍ରାମର କୌଣସି ବ୍ୟକ୍ତିଙ୍କ ଦେହ ଅସୁସ୍ଥ ହେଲେ ମୁଖ୍ୟ ଚିକିତ୍ସାଳୟକୁ ନେବା ଆଣିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏଠାକାର ଅଧିବାସୀ । ଗୋଟିଏ ପଟେ ନଦୀ ବାଧକ ସାଜେ ତ ପୁଣି ଅନ୍ୟପଟେ କଚ୍ଚା ସଡକ । ଅନ୍ୟପକ୍ଷରେ ଦେଖିବାକୁ ଗଲେ ଗାଁରେ ଏକାଧିକ ଯୋଗ୍ୟ ହିତାଧିକାରି ରାସନ କାର୍ଡ, ଭତ୍ତା ଟଙ୍କା, ଆଧାରକାର୍ଡ ପାଇବାରୁ ମଧ୍ୟ ବଞ୍ଚିତ ଅଛନ୍ତି । ବର୍ଷ ପରେ ମଧ୍ୟ ଆଜିବି ଅବହେଳିତ ସୁଆଁପାଳ ଗ୍ରାମର ଗ୍ରାମବାସୀ । ତେବେ କେବେ ଏହି ସୁଆଁପାଳ ଗାଁର ଲୋକେ ମୌଳିକ ସୁବିଧା ପାଉଛନ୍ତି । ପ୍ରଶାସନ ପକ୍ଷରୁ କେତେ ଶୀଘ୍ର ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା ।

# ରାସ୍ତା ଅଭାବରୁ ୬ କିଲୋମିଟର କାନ୍ଧରେ ବୁହାହେଲା ମୃତଦେହ

କନ୍ଧମାଳ: ଦୁର୍ଗମ ଇଲାକାରେ ବିକାଶର ନଗ୍ନ ଚିତ୍ର । ବଣ ପାହାଡ ଘେରା ଅଞ୍ଚଳରେ ରାସ୍ତା ନାହିଁ । ନଦୀ ନାଳ ପାର ହୋଇ ଯାଉଛନ୍ତି ଲୋକେ । ସେହିଭଳି ଏହି ରାସ୍ତା ସମସ୍ୟା ଯୋଗୁ ଚିକିତ୍ସା ପାଇଁ ଜଣେ ଗୁରୁତର ରୋଗୀଙ୍କୁ ଖଟିଆରେ ବୁହା ହେଲା । ଆଉ ମୃତ୍ୟୁ ପରେ ବି ମୃତଦେହକୁ ସଂସ୍କାର ପାଇଁ ଖଟିଆରେ ବୋହିନେଇଛନ୍ତି ପରିବାର । ପ୍ରାୟ ୬ କିଲୋମିଟର ପର୍ଯ୍ୟନ୍ତ ମୃତଦେହକୁ ବୋହି ବୋହି ନେଇଛନ୍ତ । କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ତୁଡ଼ିପାଜୁ ପଞ୍ଚାୟତରେ ଦେଖିବାକୁ ମିଳିଛି ଏପରି ଅଭାବନୀୟ ଘଟଣା । ଏହି ପଞ୍ଚାୟତର ତାଡପଙ୍ଗା ଗ୍ରାମର ଦେବେଶ୍ୱର କହଁରଙ୍କୁ ସୋମବାର ହଠାତ ପକ୍ଷାଘାତ ହୋଇଥିଲା । ପରିବାର ଲୋକେ ୬ କିମି ଭାରରେ କାନ୍ଧେଇ ତାଙ୍କୁ ଡକାଙ୍ଗି ଯାଏ ଆଣିବା ପରେ ସେଠାରୁ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା



ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ମଙ୍ଗଳବାର ତାଙ୍କର ଦେହାନ୍ତ ହୋଇଥିଲା । ଆମ୍ବୁଲାନ୍ସ ଯୋଗେ ତାଙ୍କ ମରଶରୀରକୁ ଫୁଲବାଣୀ ଆଇଟିଆଇ ପାଖ ରାସ୍ତା ଦେଇ ପ୍ରାୟ ୨୦ କିମି ରାସ୍ତା ଅତିକ୍ରମ କରି ଡକାଙ୍ଗି ପର୍ଯ୍ୟନ୍ତ ଅଣାଯାଇଥିଲା । ପୁଣି ସେହି ବିକଳ୍ପ ଅବସ୍ଥା । ରାସ୍ତା ନ ଥିବାରୁ ତାଙ୍କୁ କୋକେଇରେ ୬ କିମି କାନ୍ଧେଇ ଲୋକେ ଗ୍ରାମକୁ ନେଇଥିଲେ । ରାସ୍ତା ନେଇ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ କୌଣସି କଥା ଶୁଣୁନଥିବା ଅଭିଯୋଗ ହୋଇଛି ।

କେବଳ ମୃତଦେହ ନୁହେଁ ଗର୍ଭବତୀଙ୍କୁ ମେଡିକାଲ ଆଣିବା ପାଇଁ ମଧ୍ୟ ଭାରରେ ନେବାକୁ ପଡୁଛି । ଗାଁରୁ ୫/୬ କି.ମି ଭାରରେ ଆସିବା ପରେ ଆମ୍ବୁଲାନ୍ସ ମିଳିଥାଏ । ସବୁବେଳେ ଏପରି ସମ୍ଭବ ହେଉ ନ ଥିବାରୁ ବାଟରେ ପ୍ରସବ ହୋଇଥାଏ । ପ୍ରସୂତି ଏବଂ ନବ ଜାତକଙ୍କ ଜୀବନ ପ୍ରତି ବିପଦ ରହିଥାଏ । ଏପରି ଅନେକ ଘଟଣା ଘଟୁଛି । ରାସ୍ତା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ସୁଫଳ ମିଳୁନି ବୋଲି ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ କହଁର, ଚକ୍ରଧର ମଲ୍ଲିକ, ଜାନକୀ ରାସ୍ତା କହଁର ପ୍ରମୁଖ ପ୍ରକାଶ କରଛନ୍ତି ।

# ଫଟୋରେ ଖବର

THE AADHAR ODISHA
ଆଧାର ଓଡ଼ିଶା
























## ଦିଲ୍ଲୀରେ ଝଟକିଲା ଓଡ଼ିଶାର କଳା ଓ ସଂସ୍କୃତି

### ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ସାଜିଛି ଓଡ଼ିଶା ପାଭିଲିୟନ୍

ନୂଆଦିଲ୍ଲୀ: ଜାତୀୟ ରାଜଧାନୀ ଦିଲ୍ଲୀରେ ଝଟକିଲା ଓଡ଼ିଶାର କଳା ଓ ସଂସ୍କୃତି । ପ୍ରଗତି ମଇଦାନରେ ଆୟୋଜିତ ହୋଇଛି ଆନ୍ତର୍ଜାତିକ ବାଣିଜ୍ୟ ମେଳା-୨୦୨୨ । ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ସାଜିଛି ଓଡ଼ିଶା ପାଭିଲିୟନ୍ । ଓଡ଼ିଶା ପାଭିଲିୟନରେ ୨୪ଟି ଷ୍ଟଲ୍ ପଡିଥିବା ବେଳେ ଟେରାକୋଟା, କଫି, ଟସର ଶିଳ୍ପ ଆଦିରେ ସମୃଦ୍ଧ ହୋଇଛି ପ୍ରଦର୍ଶନୀ । 'ଭୋକାଲ୍ ଫର୍ ଲୋକାଲ୍ ଆଣ୍ଡ ଲୋକାଲ୍ ଟୁ ଗ୍ଲୋବାଲ୍'ର ବାର୍ତ୍ତା । ଟେରାକୋଟା, ସମ୍ବଲପୁରୀ ଶାଢ଼ୀ, ଜନଜାତି ଅଳଙ୍କାରର ସମ୍ଭାର । ମନ ମୋହୁଛି ଭଳିକି ଭଳି ଖାଦ୍ୟ ସାମଗ୍ରୀ, କୋରାପୁଟ କଫି, ଟସର ଶିଳ୍ପ । ଝଟକୁଛି ଓଡ଼ିଆ ଜାତିର ମଉଡମଣି ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି । କଟକ ତାରକସି, ରାଜ୍ୟ ସରକାରଙ୍କ ମିଲେଟ୍ ମିଶନ ସହିତ ଓରମାସ, ମିଶନ ଶକ୍ତି, ବୟନିକା, ଉତ୍କଳିକା ଓ ନୂତନ ଉଦ୍ୟୋଗୀଙ୍କ ଦ୍ୱାରା ନିର୍ମିତ ଷ୍ଟାର୍ଟଅପ୍ ମଧ ହୋଇଛି ପ୍ରଦର୍ଶିତ । କେନ୍ଦୁଝରର ଅଦରକାରୀ କାଗଜରୁ ପ୍ରସ୍ତୁତ ସାମଗ୍ରୀ, ପୁରୀର ପଟ୍ଟଚିତ୍ର, ଜଗତସିଂହପୁରର କାଇଁଚ ଘାସରୁ ତିଆରି ସାମଗ୍ରୀ ଓ ମୟୂରଭଞ୍ଜ ସବାରୁ ଘାସ ସାମଗ୍ରୀ ଆଦି ବିକ୍ରି ହେଉଛି । ଷ୍ଟଲ୍ ଗୁଡିକରେ ଗ୍ରାମୀଣ ମହିଳା କାରିଗରଙ୍କ ହାତ ତିଆରି ଘର ସାଜସଜ୍ଜା ସାମଗ୍ରୀ ଓ ଡେକୋରେଟିଭ୍ ସାମଗ୍ରୀ ବିକ୍ରି ହେଉଛି । ବଜାର ଠାରୁ କମ୍ ଦରରେ ମିଳୁଥିବାରୁ ଗ୍ରାହକଙ୍କ ଭିଡ଼ ଜମୁଛ । ଏହା ସହିତ ଓଡ଼ିଶାର ଉତ୍ପାଦ ପ୍ରତି ଅନ୍ୟ ରାଜ୍ୟର ଗ୍ରାହକ ମଧ ଆକୃଷ୍ଟ ହେଉଛନ୍ତି । ନଭେମ୍ବର ୧୪ରୁ ଆରମ୍ଭ ହୋଇଥିବା ମେଳା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ।





# ପରିସ୍ଥିତିରେ ପଡ଼ି ଅଭିନେତ୍ରୀ

କଥାରେ କହନ୍ତି 'ଆବଶ୍ୟକ ହିଁ ଉଦ୍ଭାବନର ପ୍ରସୂତି' । ଅର୍ଥାତ ଆବଶ୍ୟକ ପଡ଼ିଲେ ହିଁ ନୂଆ କିଛି ଉପାୟ ମୁଣ୍ଡକୁ ଜୁଟିଥାଏ । ସେହିପରି ଆବଶ୍ୟକ ପଡ଼ିଲେ କିପରି ଜଣେ ନିଜର ଅନଟନ ପରିସ୍ଥିତିରୁ ମୁକୁଳି ଆସିବା ପାଇଁ ବିକଳ୍ପ ପନ୍ଥା ଆଦରିଥାଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଅଭିନେତ୍ରୀ ସମା ସିକନ୍ଦର । ମାତ୍ର ୧୦ ବର୍ଷ ବେଳେ ଘରେ କିଛି ଖାଇବାକୁ ନାହିଁ ବୋଲି ବାପାମାଆଙ୍କ ଏକାନ୍ତ ଆଲୋଚନାକୁ ଗୋପନରେ ଶୁଣି ନିଜେ କିପରି କଠିନ ପରିଶ୍ରମ କରି ପରିବାର ପ୍ରତିପୋଷଣରେ ସହାୟକ ହୋଇପାରିବେ, ସେଥିପାଇଁ ଦୃଢ଼ ପରିକର ହୋଇଥିଲେ କୋମଳମତି ସମା । ଫଳସ୍ୱରୂପ, ପରେ ଟିଭି ଧାରାବାହିକ 'ୟେ ମେରି ଲାଇଫ୍ ହୈ'ରେ ନିର୍ବାହ କରିଥିବା ପୂଜା ମେହଟା ଚରିତ୍ର ପାଇଁ ସେ ଘରେ ଘରେ ପରିଚିତ ହୋଇଥିଲେ । ରାଜସ୍ଥାନର ମକରାନା ଠାରେ ୧୯୮୧ ଅଗଷ୍ଟ ୪ ତାରିଖରେ ଜନ୍ମିତା ସମାଙ୍କୁ ୯ ବର୍ଷ ହୋଇଥିବା ବେଳେ ତାଙ୍କ ପିତା ନିଜର ମାର୍ବଲ ବ୍ୟବସାୟରେ ଉନ୍ନତି ଆଣିବା ଲାଗି ମୁମ୍ବାଇ ଚାଲି ଆସିଥିଲେ । ତେବେ ଘରର ଆର୍ଥିକ ଦୁଃସ୍ଥିତି ଯୋଗୁଁ ସେମାନଙ୍କୁ ବାରମ୍ବାର ଭଡ଼ାଘର ବଦଳାଇବାକୁ ପଡୁଥିଲା । ତେଣୁ ସମାଙ୍କୁ ସ୍କୁଲ ଶିକ୍ଷା ସାରିବା ପାଇଁ ୯ଟି ବିଦ୍ୟାଳୟ ଯିବାକୁ ପଡ଼ିଥିଲା । ତେବେ ୧୯୯୫ରେ ଦଶମ ପରୀକ୍ଷା ପରେ ସେ ଏକ ଅଭିନୟ ବିଦ୍ୟାଳୟରେ ନାଁ ଲେଖାଇ ନିଜକୁ ସେ କ୍ଷେତ୍ରରେ ଗଢ଼ିବା ପାଇଁ ଲକ୍ଷ୍ୟ ରଖିଥିଲେ । ୨୦୦୨ରେ ହିନ୍ଦୀ ଫିଲ୍ମ 'ଅଂଶ: ଦି ଡେଡ୍ଲି ପାର୍ଟ'ରେ ଏକ ଉଲ୍ଲେଖନୀୟ ଭୂମିକାରେ ଅବତୀର୍ଣ୍ଣ ହେବା ଆଗରୁ ସେ ୧୯୯୮ରେ ହିନ୍ଦୀ ସିନେମା 'ପ୍ରେମ ଆଗନ୍' ଓ ୧୯୯୯ର 'ମନ୍'ରେ ମଧ୍ୟ ଏକ ସଂକ୍ଷିପ୍ତ ଭୂମିକା ମାଧ୍ୟମରେ ବଡ଼ ପରଦାର ସ୍ୱାଦ ଚାଖିଥିଲେ । ତେବେ ୨୦୦୩ରୁ ୨୦୦୫ ଯାଏ ପ୍ରସାରିତ ଟିଭି ଧାରାବାହିକ 'ୟେ ମେରି ଲାଇଫ୍ ହୈ' ହିଁ ତାଙ୍କ ପାଇଁ ଆଶାତୀତ ସଫଳତା ଆଣିଦେଇଥିଲା । ଏହାପରେ ତାଙ୍କୁ ଗୁଜରାଟ ଦଙ୍ଗା ଉପରେ ଆଧାରିତ ହିନ୍ଦୀ ଫିଲ୍ମ 'ଚାନ୍ଦ ବୁଝ୍ ଗୟେ'ରେ ଏକ ପ୍ରମୁଖ ଚରିତ୍ର ମିଳିଥିଲା । ଏହି ଅବସରରେ 'ବାତିଲା ହାଉସ୍ ନଂ ୪୩', 'ସିଆଇଡି', 'ଜୋଡ଼ି କମାଲ୍ କେ' ଓ 'କାଜଲ' ଆଦି ଧାରାବାହିକରେ ସେ ନିଜର ପ୍ରଭାବୀ ଉପସ୍ଥିତି ଜାହିର କରିପାରିଥିଲେ । ସେହିପରି 'ଏକ ଖିଲାଡ଼ି ଏକ ହସିନା', 'ଜେଟ୍ ସେଟ୍ ଗୋ', 'ଝୁମ୍ ଇଣ୍ଡିଆ' ଓ 'ବୁଗି ଉଗି' ଆଦି ବାସ୍ତବଧର୍ମୀ ଧାରାବାହିକଗୁଡ଼ିକରେ ମଧ୍ୟ ସେ ତାଙ୍କ ଲୋକପ୍ରିୟତା ବଜାୟ ରଖିଥିଲେ ।ଦୀର୍ଘ ବର୍ଷ ପରେ ସମା ଧାରାବାହିକ ଜଗତରୁ ବାହାରି ଆସି ୨୦୧୬ରେ ସିନେ ଦୁନିଆରେ ପୁଣି ନିଜର ଭାଗ୍ୟ ପରୀକ୍ଷା କରିଥିଲେ ହିନ୍ଦୀ ଚଳଚ୍ଚିତ୍ର 'ସେକ୍ସାହୋଲିକ' ମାଧ୍ୟମରେ । ମାତ୍ର ଧାରାବାହିକର ଗ୍ରହଣୀୟତା ତାଙ୍କୁ ଏଠାରେ ମିଳିନଥିଲା । ଅପରପକ୍ଷେ, ୱେବ୍ ଧାରାବାହିକ 'ମାୟା' ଓ 'ଅବ ଦିଲ୍ କି ଶୁନ୍' ସମେତ ସଂଗୀତ ଭିଡିଓ 'ମଜନୁ ରିମିକ୍ସ' ଓ 'ହାୱା କରଦି'ରେ ତାଙ୍କୁ ଆଶାନୁରୂପ ଲୋକପ୍ରିୟତା ମିଳିଥିଲା । ବ୍ୟକ୍ତିଗତ ଜୀବନରେ ସଂଗୀତକାର ତଥା ଅଭିନେତା ଆଲେକ୍ସ ଓ'ନିଲ୍‌ଙ୍କ ସହ ସମାଙ୍କର ପ୍ରେମ ସମ୍ପର୍କ ରହିଥିବା ଚର୍ଚ୍ଚା ହୋଇ ଆସୁଥିବା ବେଳେ ଗତ ମାର୍ଚ୍ଚ ମାସରେ ସେ ଆମେରିକୀୟ ବ୍ୟବସାୟୀ ଜେମ୍ସ ମିଲିରନ୍‌ଙ୍କୁ ବିବାହ କରିଛନ୍ତି ।

# ଫିଲ୍ମ ଦୁନିଆରେ ଧୋନୀଙ୍କ ଏଣ୍ଟ୍ରି



**କ୍ରିକେଟରୁ** ଅବସର ନେବା ପରେ ମହେନ୍ଦ୍ର ସିଂ ଧୋନୀ ଫିଲ୍ମରେ ପାଦ ଥାପିବାକୁ ଯାଉଛନ୍ତି । ଏକାଧିକ ଜାତୀୟ ଗଣମାଧ୍ୟରେ ଏ ନେଇ ଖବର ପ୍ରକାଶ ପାଇଥିବାବେଳେ ଧୋନୀଙ୍କ ତରଫରୁ ଏ ବାବଦ ସୂଚନା ସ୍ପଷ୍ଟ ହୋଇନାହିଁ । ତାମିଲ ଫିଲ୍ମ ଜରିଆରେ ସେ ଏଣ୍ଟରଟେନ୍‌ମେଣ୍ଟ ଜଗତକୁ ପ୍ରବେଶ କରିବେ ବୋଲି ଆଲୋଚନା ହେଉଛି । ତାମିଲ ଫିଲ୍ମ ନିର୍ଦ୍ଦେଶକ ଲୋକେଶ କାନାଗାରେଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ଫିଲ୍ମରେ ଧୋନୀଙ୍କୁ ତାଙ୍କ ଫ୍ୟାନ୍ସମାନେ ଦେଖିବାକୁ ପାଇବେ । କିଛିମାସ ପୂର୍ବେ ସାଉଥ୍ ସୁପରଷ୍ଟାର ଥଲପତି ବିଜୟଙ୍କ ସହ ଫିଲ୍ମ କରିବା ନେଇ ଗୁଜବ ଉଠିଥିଲା । ୨୦୨୦ରେ ଧୋନୀ କ୍ରିକେଟରୁ ଅବସର ନେଇଥିଲେ । ସେ ଭାରତୀୟ ସେନାରେ ମଧ୍ୟ କାର୍ଯ୍ୟ କରିଛନ୍ତି । କ୍ରିକେଟ ବ୍ୟତୀତ ଅନେକ କମର୍ସିଆଲ ବିଜ୍ଞାପନରେ ଧୋନୀଙ୍କ ଅଭିନୟ ଦେଖିବାକୁ ମିଳିଛି । ତାଙ୍କ ଫ୍ୟାନ୍, ଫଲୋୟର୍ସ କୌଣସି ସୁପରଷ୍ଟାରଠାରୁ କମ୍ ନୁହେଁ । ଆଗାମୀ ଦିନରେ ଧୋନୀ ଫିଲ୍ମରେ ଅଭିନୟ କଲେ ତାଙ୍କୁ ସମାନ ଭଲପାଇବା ମିଳିବ ବୋଲି ଆଶା ରଖାଯାଇଛି ।

# ରାତିରେ ଖରାପ ଏବଂ ଭୟଙ୍କର ସ୍ୱପ୍ନ ଦେଖୁଛନ୍ତି କି? ଆପଣାନ୍ତୁ ଏହି ଉପାୟ

**ରାତିରେ ଶୋଇବା ସମୟରେ ଲୋକଙ୍କୁ ଖରାପ ଏବଂ ଭୟଙ୍କର ସ୍ୱପ୍ନ ଆସିଥାଏ, ଯେଉଁଥିପାଇଁ ଭୟଭୀତ ହୋଇ ହଠାତ୍ ନିଦ ଭାଙ୍ଗି ଯାଇଥାଏ । କିଛି ଲୋକଙ୍କୁ ପ୍ରତିଦିନ ଏହି ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । ବାସ୍ତୁଶାସ୍ତ୍ର ସାହାଯ୍ୟରେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ । ବାସ୍ତୁର କିଛି ସରଳ ଉପାୟକୁ ଧ୍ୟାନରେ ରଖି ବ୍ୟକ୍ତି ଖରାପ ଏବଂ ଭୟଙ୍କର ସ୍ୱପ୍ନରୁ ମୁକ୍ତି ପାଇପାରିବେ ।**

- ଅସଜଡ଼ା ବିଛଣାରେ ଶୋଇଲେ ଭୟଙ୍କର ସ୍ୱପ୍ନ ଆସିଥାଏ । ଏଥିପାଇଁ ଶୋଇବା ପୂର୍ବରୁ ବିଛଣାକୁ ସଫା କରିବା ଉଚିତ୍ ।
- କାଗଜ କିମ୍ବା କପଡ଼ାରେ ଅଳ୍ପ ହଳଦିଆ ଚାଉଳ ବାନ୍ଧି ତକିଆ ତଳେ ରଖିବା ଦ୍ୱାରା ସ୍ୱପ୍ନରୁ ରକ୍ଷା ମିଳିଥାଏ ।
- ଆଗକାଳରେ ରାତିରେ କେଶକୁ ଖୋଲା ରଖିବା ଅନୁଚିତ ବୋଲି କୁହାଯାଏ । କାରଣ ରାତିରେ କେଶ ଖୋଲି ଶୋଇଲେ ଖରାପ ସ୍ୱପ୍ନ ଆସିଥାଏ ବୋଲି ବିଶ୍ୱାସ ରହିଛି ।
- ପଲଙ୍କ ଆଖପାଖରେ କିମ୍ବା ତଳେ ଜୋତା-ଚପଲ ରହିଥିଲେ ଖରାପ ସ୍ୱପ୍ନ ଆସିବାର ଏକ କାରଣ ବୋଲି କୁହାଯାଏ । ତେଣୁ ଖଟ ତଳେ ଏହିସବୁ ଜିନିଷକୁ ର ଖ ନ୍ତୁ ନାହିଁ ।
- ଯେଉଁ ଚାଦରରେ ଡାର୍କ କିମ୍ବା ହିଂସ୍ରକ ପଶୁର ଚିତ୍ର ଥାଏ ତାହାର ବ୍ୟବହାର କରିବା ଅନୁଚିତ୍ । ଏଥିସହ ଫଟା ଚାଦରକୁ ମଧ୍ୟ ବ୍ୟବହାର କରିବା ଠିକ୍ ନୁହେଁ ।
- ରାତିରେ ଶୋଇବା ସମୟରେ ଡର ଲାଗୁଥିଲେ କି ଭୟରେ ଯଦି ହଠାତ୍ ଉଠିପଡନ୍ତି ତେବେ ନିଜ ତକିଆ ତଳେ ୫/୬ଟି ଛୋଟ ଅଳେଇଚ କପଡାରେ ବାନ୍ଧି ରଖିବା ଦ୍ୱାରା ଏଥିରୁ ରକ୍ଷା ମିଳିଥାଏ ।
- ବାସ୍ତୁ ଅନୁସାରେ ରାତିରେ ଶୋଇବା ସମୟରେ ଡର ଲାଗୁଥିଲେ ତକିଆ ତଳେ କିମ୍ବା ପାଖରେ ଛୁରି ରଖନ୍ତୁ । ଛୁରି ନ ଥିଲେ କଇଁଚି, ନେଲ୍ କଟର, କଣ୍ଟା ଆଦି ମଧ୍ୟ ତକିଆ ତଳେ ରଖିପାରିବେ । ଏହାଦ୍ୱାରା ଡର ଲାଗି ନ ଥାଏ ।
- ସେହିପରି ତମ୍ବାପାତ୍ରରେ ଜଳ ଭରି ବିଛଣା ପାଖରେ ରଖିଦିଅନ୍ତୁ ଓ ସକାଳୁ ଉଠି ସେହି ପାଣିକୁ ଗଛରେ ପକାନ୍ତୁ । ଦେଖିବେ ଆପଣଙ୍କ ଏହି ଦୁଃସ୍ୱପ୍ନ ସମସ୍ୟା ଦୂର ହୋଇଯିବ ।



# ୫ ଘଣ୍ଟାରୁ କମ୍ ନିଦ ସ୍ୱାସ୍ଥ୍ୟ ପ୍ରତି ବିପଦ



ଯଦି ଆପଣଙ୍କ ବୟସ ୫୦ ବର୍ଷରୁ ଅଧିକ, ତେବେ ପ୍ରତି ରାତିରେ ୫ ଘଣ୍ଟା କିମ୍ବା ତା'ଠୁ କମ୍ ସମୟର ନିଦ ଆପଣଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ । ବିଶେଷଜ୍ଞଙ୍କ ଅନୁସାରେ, ଏହା ଦ୍ୱାରା ଆପଣ ଅତିକମ୍‌ରେ ଦୁଇଟି ଗମ୍ଭୀର ରୋଗର ଶିକାର ହୋଇପାରନ୍ତି । ପ୍ଲସ୍ ମେଡିସିନ୍ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଏହି ଦାବି କରିଛି । ଗବେଷଣାରେ ବ୍ରିଟେନର ୮ ହଜାର ସରକାରୀ କର୍ମଚାରୀଙ୍କୁ ସାମିଲ କରାଯାଇଥିଲା । ସେମାନଙ୍କୁ ୫୦ ବର୍ଷ ବୟସ ପର୍ଯ୍ୟନ୍ତ କୌଣସି ଦୀର୍ଘ କାଳୀନ ରୋଗ ନ ଥିଲା ।

ବୈଜ୍ଞାନିକମାନେ ସେମାନଙ୍କୁ ପ୍ରତି ୪ରୁ ୫ ବର୍ଷରେ ଥରେ ଆଗାମି ୨୫ ବର୍ଷ ପାଇଁ ନିଦ ଓ ସ୍ୱାସ୍ଥ୍ୟ ବିଷୟରେ ସୂଚନା ଦେବାକୁ କହିଲେ । ଯେଉଁମାନଙ୍କ ନିଦକୁ ୫୦ ବର୍ଷ ବୟସରେ ଟ୍ରାକ୍ କରାଗଲା, ସେମାନଙ୍କୁ ୫ ଘଣ୍ଟା ବା ତା'ଠୁ କମ୍ ଶୋଇବା ଯୋଗୁ ଦୀର୍ଘ ଅବଧିର ରୋଗର ଆଶଙ୍କା ୩୦ ପ୍ରତିଶତ ଥିଲା । ରାତିରେ ୭ ଘଣ୍ଟା ଶୋଉଥିବା ଲୋକଙ୍କ ସହ ସେମାନଙ୍କୁ ତୁଳନା କରାଯାଇଥିଲା । ୬୦ ବର୍ଷ ବୟସରେ ଏହି ଆଶଙ୍କା ୩୨ ପ୍ରତିଶତ ଏବଂ ୭୦ ବର୍ଷ ବୟସରେ ୪୦ ପ୍ରତିଶତ ପର୍ଯ୍ୟନ୍ତ ବିଗଲା । ପର୍ଯ୍ୟାପ୍ତ ନ ଶୋଇବା ଯୋଗୁ ମୃତ୍ୟୁ ଆଶଙ୍କା ମଧ୍ୟ ୨୫ ପ୍ରତିଶତ ଜଣାପଡ଼ିଲା । ଅଧ୍ୟୟନ ଅନୁସାରେ, ରାତିରେ ୫ ଘଣ୍ଟାରୁ କମ୍ ଶୋଉଥିବା ଲୋକଙ୍କୁ ମଧୁମେହ, ଅନେକ ପ୍ରକାର କର୍କଟ, ହୃଦ୍‌ରୋଗ, ହାର୍ଟ ଷ୍ଟ୍ରୋକ୍, ହାର୍ଟ ଅଟଳ ସମ୍ପର୍କିତ ରୋଗ, କିଡ୍‌ନୀ ରୋଗ, ଯକୃତ ରୋଗ, ଅବସାଦ, ସ୍ମୃତିଭ୍ରମ, ପାର୍କିନ୍‌ସନ୍ସ, ଆର୍ଥରାଇଟିସ୍ ଓ ଅନେକ ମାନସିକ ବିକାର ଆଶଙ୍କା ଥାଏ । ଗବେଷଣାର ପ୍ରମୁଖ ଲେଖିକା ଓ ୟୁସିଏଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏପିଡେମିଓଲୋଜିରେ ରିସର୍ଚ୍ଚ ଆସୋସିଏଟ୍ ଡା. ସେଭରିନ୍ ସେବିୟା କହିଛନ୍ତି, ଏକସଙ୍ଗେ ଅନେକ ରୋଗ ହେବାର ଟ୍ରେଣ୍ଡ ଉଚ୍ଚ ଆୟଯୁକ୍ତ ଦେଶରେ ବଢୁଥିବା ଦେଖାଯାଉଛି ।

ଏଠାରେ ଅଧାରୁ ଅଧିକ ବୃଦ୍ଧ ଅତିକମ୍‌ରେ ଦୁଇଟି ଦୀର୍ଘ କାଳୀନ ରୋଗରେ ପୀଡ଼ିତ । ଏହା ସ୍ୱାସ୍ଥ୍ୟ ସେବା, ହସ୍ପିଟାଲ ଓ ସମଗ୍ର ସ୍ୱାସ୍ଥ୍ୟ ସିଷ୍ଟମ୍ ପାଇଁ ବଡ଼ ଆହ୍ୱାନ । ସେବିୟାଙ୍କ ଅନୁସାରେ, ଲୋକଙ୍କ ବୟସ ବିବା ସହିତ ସେମାନଙ୍କ ନିଦ ଚକ୍ର ମଧ୍ୟ ବଦଳୁଛି । ଯଦି ଆପଣ ଦୀର୍ଘ କାଳୀନ ଏବଂ ଗମ୍ଭୀର ରୋଗରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତେବେ ପ୍ରତ୍ୟେକ ରାତିରେ ୭-୮ ଘଣ୍ଟା ଶୋଇବା ଉଚିତ୍ । ଏହାଠୁ କମ୍ ବା ଅଧିକ ନିଦ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଭଲ ନିଦ ଲାଗି ଅନ୍ଧକାର ବଖରା, ଶାନ୍ତି ଓ ଉଚିତ୍ ତାପମାତ୍ରା ଆବଶ୍ୟକ । ଶୋଇବା ପୂର୍ବରୁ ଅଧିକ ଖାଇବା ଉଚିତ୍ ନୁହେଁ । ସମସ୍ତ ଇଲେକ୍ଟ୍ରୋନିକ୍ ଉପକରଣଠୁ ଦୂରରେ ରହିବା ଉଚିତ୍ ।

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ୟା ପଣ୍ଡିତ ଗ୍ରହାଃଚାର୍ଯ୍ୟ
ଶ୍ରୀ ବ୍ରହ୍ମାନନ୍ଦ ନାୟକ
ଯୋଗାଯୋଗ-୯୯୩୭୬୭୨୭୦୨

**ମେଷ** – ୧୮ ବାଣିଜ୍ୟ କ୍ଷେତ୍ରେ, କର୍ମକ୍ଷେତ୍ରେ ମଧ୍ୟମ । ଆୟବ୍ୟୟ ସମାନ । ୧୯ ଓ ୨୦ କର୍ମକ୍ଷେତ୍ରେ ଅର୍ଥଲାଭ । ପ୍ରତ୍ୟେକକ୍ଷେତ୍ରେ ଖୁସି ରହିବେ । ୨୧ କିଛି ପରିବର୍ତ୍ତନ ନାହିଁ । ୨୨ ଓ ୨୩ ଗୃହପରିସ୍ଥିତି, ବାହ୍ୟସ୍ଥରେ ମନପ୍ରାଣ ସ୍ଥିର ରହିବ । ମହିଳାମାନେ ଗୃହ କର୍ମରେ ରହିବ ।

**ବୃଷ** – ୧୮ ଦେହ ଅସୁସ୍ଥ ରହିବ । କର୍ମକ୍ଷେତ୍ରେ ଅବହେଳା, ଖର୍ଚ୍ଚାନ୍ତ । ୧୯ ଓ ୨୦ ଗୁରୁଜନଙ୍କ ସ୍ୱାସ୍ଥ୍ୟନେଇ ଦୁଃଖିତ । ଯାନବାହନ ପ୍ରତି ସାବଧାନ । ୨୧ ଓ ୨୨ ଆପଣଙ୍କ ପାଇଁ ଶୁଭଦିନ । ଭାବିଥିବା କାମ କରିପାରନ୍ତି । ୨୩ ଓ ୨୪ କର୍ମକ୍ଷେତ୍ରେ ଶୁଭ । ମହିଳାମାନେ ଶରୀର କଷ୍ଟରେ ପୀଡ଼ିତ ରହିବେ ।

**ମିଥୁନ** – ୧୮ କର୍ମକ୍ଷେତ୍ରେ ଓ ଆୟକ୍ଷେତ୍ରେ ମଧ୍ୟମ ଫଳ । ମନ ଭଲ ରହିବ । ୧୯ ଘାତବାର, ୨୦ କଳହ, ଅନର୍ଥ, ଅଶାନ୍ତିମାର୍ଗ । ୨୧ ଯଥାକଥାରେ ସମୟ କଟିବ । ୨୨ ଓ ୨୩ ଦେହପୀଡ଼ା ଅସୁସ୍ଥ । ୨୪ ମନପ୍ରାଣ ଭଲ ରହିବ । ମହିଳାମାନେ ଗୃହ କର୍ମରେ ରତ୍ ରହିବେ । ବିଦ୍ୟାର୍ଥୀ ଶିକ୍ଷାରେ ରହିବେ ।

**କର୍କଟ** – ୧୮ ଘାତଚନ୍ଦ୍ର, ନିରବତା ଫଳ । ୧୯ ମିତ୍ର ଲୋକଙ୍କଠାରୁ ଅର୍ଥଲାଭ ।୨୦ କିଛି ପରିବର୍ତ୍ତନ ନାହିଁ । ୨୧ ଭଲ କାମ କରିବାକୁ ପଡ଼ିପାରେ । ପଡୋଶୀଙ୍କ ସହ କଳହ । ୨୨ ସମଫଳ । ୨୩ ଅସ୍ୱାସ୍ଥ୍ୟକର ପରିସ୍ଥିତି । ୨୪ ଶରୀର ଅସୁସ୍ଥ । ମହିଳାମାନେ ସେବାରେ ଲିପ୍ତ ରହିବେ ।

**ସିଂହ** – ୧୮ ମନପ୍ରାଣ ଭଲ ରହିବ । ଅର୍ଥଲାଭ । ୧୯, ୨୦ ଓ ୨୧ ଖର୍ଚ୍ଚାନ୍ତରେ ରହିବେ । ଗୃହେ ଅଶାନ୍ତି । କଳହ ପ୍ରଭାବ ଦେଖାଦେବ । ୨୨ ଓ ୨୩ ପୂର୍ବର ଅଶାନ୍ତି ମାର୍ଗ ସମାଧାନ । ୨୪ କର୍ମକ୍ଷେତ୍ରେ ହାନୀ । ଖର୍ଚ୍ଚାନ୍ତ, ଦୁଃଶ୍ଚିନ୍ତା । ମହିଳାମାନେ ଗୃହଧନ୍ଦାରେ ରହିବେ । ବିଦ୍ୟାର୍ଥୀ ସଫଳତା ଲାଭ କରିବେ ।

**କନ୍ୟା** – ୧୮ କୃଷ୍ଣପକ୍ଷ ଯୋଗୁ ଭାବିଥିବା କାମକୁ ପୂରଣ କରିବାରେ ସଫଳ । ୧୯ ଓ ୨୦ ଓ ୨୧ କର୍ମେଖୁସି । ଆୟ ଓ ବ୍ୟବସାୟ କ୍ଷେତ୍ରେ ଲାଭବାନ । ଅର୍ଥଲାଭ, ଗୃହପରିବେଶ ଭଲ ରହିବ । ୨୨ ଓ ୨୩ କିଛି ଖର୍ଚ୍ଚାନ୍ତରେ ରହିବେ । ୨୪ ପ୍ରତ୍ୟେକକ୍ଷେତ୍ରେ ଆନନ୍ଦ ଦାୟକ । ମହିଳାମାନେ ନିଜ କର୍ମରେ ରହିବେ ।

**ତୁଳା** – ୧୮ସମୟଟି ଯଥାକଥାରେ ଭଲରେ କଟିବ । ୧୯ ଘାତବାର । ୨୦ କର୍ମେହାନୀ, ଆୟ ଅପେକ୍ଷା ବ୍ୟୟ ଅଧିକ । ୨୧ କୌଣସି ପରିବର୍ତ୍ତନ ନାହିଁ । ୨୨ ଓ ୨୩ ବନ୍ଧୁ ସହଯୋଗ, ଦୂରଯାତ୍ରା ପାଇଁ ଖୁସି । ଶରୀର ମନପ୍ରାଣ ଭଲ ରହିବ । ମହିଳାମାନେ ପରିବାର ବର୍ଗେ ଖୁସିର ପାତ୍ର ହେବ ।

**ବିଛା** – ୧୮ ରୋଜଗାର କ୍ଷେତ୍ରେ ମଧ୍ୟମ । ୧୯ କିଛି ଚିନ୍ତାଧାରା ପୂରଣ । ୨୦ ଓ ୨୧ କର୍ମେ ଆନନ୍ଦ । ଅର୍ଥଲାଭ, ପଦୋନ୍ନତି । ୨୨ ଓ ୨୩ ଅଶାନ୍ତି, ଅଧିକା ଖର୍ଚ୍ଚ । ଗୃହପାଇଁ ଚିନ୍ତାଶୀଳରେ ରହିବେ । ୨୪ ସମସ୍ତ କଷ୍ଟରୁ ଶାନ୍ତି ମିଳିବ । ମହିଳାମାନେ ନିଜର ଦାୟିତ୍ୱ କାମକୁ ବଜାୟ ରଖିବେ ।

**ଧନୁ** – ୧୮ ଯଥାକଥାରେ କଟିବ। ୧୯ ପୁରୁଷ ରାଶିକୁ ଶୁଭପ୍ରଦ । ମହିଳାମାନଙ୍କ ଘାତଚନ୍ଦ୍ର । ୨୦ ଖୁସିର ଖବରପ୍ରାପ୍ତ । ୨୧ କାର୍ଯ୍ୟକଳାପ ମଧ୍ୟମ । ୨୨ ଓ ୨୩ ଦୈନିକ କର୍ମେ ରତ୍ ରହିବେ । ୨୪ କର୍ମେହାନୀ, ଅଶାନ୍ତି । ମହିଳାମାନେ ଗୃହ କର୍ମରେ ରତ୍ ରହିବେ ।

**ମକର** – ୧୮ ପଥବନ୍ଧନ, ମାନହାନୀ, କଳହ । ୨୯, ୨୦ ଓ ୨୧ ଶରୀରପୀଡ଼ା, ଖର୍ଚ୍ଚାନ୍ତ । ପରିବାର କଷ୍ଟ, ଅର୍ଥହାନୀ । ୨୨ ଘାତବାର । ୨୩ ଅର୍ଥଲାଭ, କର୍ମକ୍ଷେତ୍ରେ ଆନନ୍ଦ । ୨୪ ଆଶା କରିଥିବା କାମଗୁଡ଼ିକ ପୂରଣ । ମହିଳା ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ସମ୍ଭାଳି ନେବେ। ଛାତ୍ରଛାତ୍ରୀଙ୍କ ପାଇଁ ଭଲ।

**କୁମ୍ଭ** – ୧୮ ଶରୀର ଅସୁସ୍ଥ ରହିବ । ୧୯ ଓ ୨୦ ମାନହାନୀ, କଳହ, ଅଶାନ୍ତି, ଦୂରଯାତ୍ରା ନିଷେଧ । ୨୧ କୌଣସି ପରିବର୍ତ୍ତନ ନାହିଁ । ୨୨ ଓ ୨୩ ଶରୀର, ମନପ୍ରାଣ ଭଲ ରହିବ । ୨୪ ଘାତବାର । ମହିଳାମାନେ ଆନନ୍ଦ ସହିତ ଗୃହକାର୍ଯ୍ୟକୁ ସମ୍ଭାଳି ନେବେ ।

**ମୀନ** – ୧୮ କର୍ମକ୍ଷେତ୍ରେ ଲାଭବାନ । ଅର୍ଥକିଛି ହାତକୁ ଆସିପାରେ । ୧୯, ୨୦ ଓ ୨୧ ଆୟପ୍ରତି ଲକ୍ଷ୍ୟ ଧାର୍ଯ୍ୟ କରିବେ। ଗୃହପରିବେଶ ଏବଂ ବାହ୍ୟପରିସ୍ଥିତି ଭଲ ରହିବ। ୨୨ ଓ ୨୩ ପଥବନ୍ଧନ, କଳହ । ୨୪ ଅଶାନ୍ତି ମାର୍ଗରୁ ଶାନ୍ତ ରହିବେ । ମହିଳାମାନେ ଗୃହ କାମରେ ଲିପ୍ତ ରହିବେ ।

# ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ଜନ ଶୁଣାଣିକୁ ବିରୋଧ

ଯୋଡ଼ା/କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ନୂଆଗାଁ ଠାରେ ଥିବା ନୂଆଗାଁ ଆଇରନ ମାଇନ୍ସ ଜେଏସ୍‌ଡବ୍ଲୁ ଷ୍ଟିଲ କମ୍ପାନୀର ଜନଶୁଣାଣୀକୁ ସ୍ଥାନୀୟ ବାସିନ୍ଦା ଘୋର ବିରୋଧ କରିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଜେଏସ୍‌ଡବ୍ଲୁ ଷ୍ଟିଲ୍ କମ୍ପାନୀ ଆଜି ପର୍ଯ୍ୟନ୍ତ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ କୋଣସି ସୁବିଧା କରିନାହିଁ କି ମୌଳିକ ଅଧିକାର ମଧ ଦେଇ ନାହିଁ । ଯିବା ଆସିବାର କୋଣସି ଭଲ ରାସ୍ତା ଟିଏ ନାହିଁ, ସ୍ୱାସ୍ଥ୍ୟ ପାଇଁ କୋଣସି ମେଡିକାଲ କିମ୍ବା ଆମ୍ବୁଲାନ୍ସର ସୁବିଧା ନାହିଁ, ପାନୀୟ ଜଳର ମଧ୍ୟ ସୁବିଧା ନାହିଁ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ସ୍ଥାୟୀ ନିଯୁକ୍ତି ନାହିଁ ଯାହାଫଳରେ ଲୋକମାନେ ବହୁତ ହଇରାଣ ହେଉଛନ୍ତି ଓ ସେଥିପାଇଁ ହୋଇଥିବା ଜନଶୁଣାଣୀକୁ ତୀବ୍ର ବିରୋଧ କରୁଛନ୍ତି । ଆହୁରି ମଧ କେନ୍ଦୁଡ଼ିହି ଗ୍ରାମରେ ଥିବା ଏକ ସରକାରୀ ଅଙ୍ଗନବାଡିକୁ ରଙ୍ଗ କରି ନିଜ କମ୍ପାନୀର ନାମ ଲେଖି ଦେଇଛି ତେଣୁ ନୂଆଗାଁ ଆଖ ପାଖରେ ଥିବା ସମସ୍ତ ଗ୍ରାମବାସୀ ଜେଏସ୍‌ଡବ୍ଲୁ କମ୍ପାନୀର କାର୍ଯ୍ୟକଳାପକୁ ନିନ୍ଦା କରିଛନ୍ତି ।

ଗୁଆଲି ପଞ୍ଚାୟତରେ ୯ଟି ପ୍ରଭାବିତ ଗାଁ ଥିବାବେଳେ ପ୍ରଭାବିତ ବାସୀଙ୍କ କଣ୍ଠରଧ ହୋଇଥିବାର ଅଭିଯୋଗ ହେଇଛି। ଯାହାଫଳରେ ଜନଶୁଣାଣୀ ହେଉଥିବା ମଞ୍ଚ ନିକଟକୁ ପ୍ରଭାବିତ ବାସୀଙ୍କୁ ପ୍ରବେଶ କରିବାର ବାରଣ କରାଯାଇଥିବାରୁ ଅଞ୍ଚଳବାସୀ ମଞ୍ଚ ଉପରେ କିଛି ପ୍ରତିକ୍ରିୟା ରଖି ପାରିଲେ ନାହିଁ । ମଞ୍ଚ ଉପରେ କେବଳ ଜେଏସ୍‌ଡବ୍ଲୁ କମ୍ପାନୀର କର୍ତ୍ତୃପକ୍ଷଙ୍କୁ ପ୍ରତିକ୍ରିୟା ଦେବା ପାଇଁ ସୁଯୋଗ ଦିଆଗଲା ଏବଂ କମ୍ପାନୀ କର୍ତ୍ତୃପକ୍ଷ ମାନେ ଜନଶୁଣାଣୀ ସପକ୍ଷରେ ରହି ଜନଶୁଣାଣୀକୁ ସଫଳ କରିଛନ୍ତି । ଏହି ଜନଶୁଣାଣୀ ପ୍ରଭାବିତ ବାସୀଙ୍କ ପାଇଁ ହେଇଛି ନା କମ୍ପାନୀର କର୍ତ୍ତୃପକ୍ଷଙ୍କ ପାଇଁ ଜନଶୁଣାଣୀ ହୋଇଛି ? ପୋଲିସ ପ୍ରଶାସନ କାହା ଇଙ୍ଗିତରେ ପ୍ରଭାବିତ ବାସୀଙ୍କୁ ଓ ଗଣମାଧ୍ୟମକୁ ପ୍ରବେଶ କରିବା ପାଇଁ ବାରଣ କଲା ? ଖଣି ଜିଲ୍ଲା ବଲାଉଥିବା କେନ୍ଦୁଝରକୁ କମ୍ପାନୀ ବିଗତ ୨ ରୁ ଅଢେଇ ବର୍ଷ ହେବ ପ୍ରବେଶ କରି ବିଭିନ୍ନ ଖଣିକୁ ନିଜ ହାତରେ ଅକ୍ତିଆର କରି ଆଜି ମନମାନି କାର୍ଯ୍ୟ କରି ଆସୁଛି । ପୂର୍ବରୁ ଏହି ଖଣି ଜେଏସ୍ ଆଲୁଓ୍ୱାଲିଆ କମ୍ପାନୀର ରହିଥିବା ବେଳେ ନୂତନ ଭାବେ ହାତେଇଛି ଜେଏସ୍‌ଡବ୍ଲୁ କମ୍ପାନୀ । ତତ୍କାଳୀନ ସ୍ଥାନୀୟ ବାସିନ୍ଦାଙ୍କ ରାସ୍ତା ଓ ମଶାଣିପଦାକୁ ମଧ ବେଆଇନ ଭାବେ କମ୍ପାନୀ ଅକ୍ତିଆର କରି ନିଜ ଲାଭ ପାଇଁ କାର୍ଯ୍ୟ କରି ଆସୁଛି । ସ୍ଥାନୀୟ ବାସିନ୍ଦାଙ୍କ ଦାବି ଏହି ଜନଶୁଣାଣୀକୁ ବାତିଲ କରାଯାଉ ବୋଲି ଗଣମାଧମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ।

# ଜୈବିକ କୃଷି ଓ ଶିଶୁ ଶିକ୍ଷା ସଚେତନତା କର୍ମଶାଳା


ବଲାଙ୍ଗିର: ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ୍ ଅନ୍ତର୍ଗତ ଶିକାବେହେଙ୍ଗା ଗ୍ରାମଠାରେ ଜୈବିକ କୃଷି, ଶିଶୁ ଶିକ୍ଷା ଓ ମହିଳା ସଶକ୍ତିକରଣ ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଏମ୍‌ଏସ୍ ସ୍ୱାମୀନାଥନ ସ୍କୁଲ୍ ଅଫ୍ ଏଗ୍ରିକଲ୍‌ଚର୍ ପାରଳାଖେମୁଣ୍ଡିର କୃଷି ବିଜ୍ଞାନର ଶେଷ ବର୍ଷର ଦୁଇଜଣ ଛାତ୍ରୀ ଅନ୍ତିମ ଯୋଷୀ ଓ ଆଲିସା ମିଶ୍ର ଏହି କର୍ମଶାଳାକୁ ଭାରତୀୟ କୃଷି ଗବେଷଣା ପରିଷଦ ପ୍ରାୟୋଜିତ ‘ରାଓ୍ୱେ’ କାର୍ଯ୍ୟକ୍ରମ ମାଧ୍ୟମରେ ଆୟୋଜିତ କରିଥିଲେ । ବିଶ୍ୱବିଦ୍ୟାଳୟରେ ୩ ବର୍ଷର କୃଷି ସମ୍ପର୍କିତ ଶିକ୍ଷାପରେ ଏଠାରେ ଉଭୟେ ସୁଧାମୟ ପଟେଲ ଓ ଦୟାମୟ ପଟେଲଙ୍କ ସମନ୍ୱିତ କୃଷି ଫାର୍ମରେ ୭ ସପ୍ତାହ ଧରି ଇଣ୍ଟର୍ଣ୍ଣସିପ କରିଥିଲେ । ଶେଷରେ ଆଜି ଶିକାବେହେଙ୍ଗାର ଚାଷୀଙ୍କୁ ନେଇ ଜୈବିକ ଚାଷ, ଶିଶୁଶିକ୍ଷା ଓ ମହିଳା ସଶକ୍ତିକରଣ ସମ୍ପର୍କିତ ସଚେତନତା କର୍ମଶାଳା କରିଥିଲେ । ଏଠାରେ ସୁଶ୍ରୀ ଯୋଷୀ ଓ ସୁଶ୍ରୀ ମିଶ୍ର ଜୀବମୃତ, ବୀଜାମୃତ, ମୃତ୍ତିକା ପରୀକ୍ଷା, ଜୀଆଖତ ପ୍ରସ୍ତୁତି, କଲମୀକରଣ, ଟ୍ରୀ ବଡିଂ, ଆଜୋଲା ଚାଷ, ରୋଗପୋକ ଓ କୀଟନାଶକର ନିରାପଦ ବ୍ୟବହାର, ବିହନ ବିଶୋଧନ ନେଇ ସଚେତନତା କରିବା ସହିତ ଚାଷୀଙ୍କ ଶିଶୁମାନଙ୍କ ଶିକ୍ଷା ଓ ମହିଳାଙ୍କ ସଶକ୍ତିକରଣ ଉପରେ ସଚେତନ କରିଥିଲେ । ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଡିନ୍ ଡ.ଏସ.ପି.ନନ୍ଦ, ରାଓ୍ୱେର ସହ ସଂଯୋଜକ ଡ.ଅଶୋକ କୁମାର ଏବଂ ଏସ୍‌ଏମ୍‌ଏସ୍ ଗାଇଡ ଡ.ମୋନାଲିସା ସାହୁଙ୍କ ମାର୍ଗଦର୍ଶନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା । କର୍ମଶାଳାରେ ଶସ୍ୟ, ଫଳ, ପନିପରିବା ପାଇଁ କୃଷକମାନେ ଅତ୍ୟଧିକ ବିଷାକ୍ତ ରାସାୟନିକ ପଦାର୍ଥର ବ୍ୟବହାର କରୁଥିବାରୁ ଆମ ଦେଶର ଲୋକଙ୍କୁ କ୍ୟାନସର ଭଳି ଅନେକ ଦୂରାରୋଗ୍ୟ ହେଉଛି । ତେଣୁ କୃଷକମାନେ ଜୈବିକ ଖତ ଓ ଅନ୍ୟାନ୍ୟ ଉପକରଣ ବ୍ୟବହାର କରି ଚାଷ କରିବାକୁ କର୍ମଶାଳାରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା । ଏହା ସହିତ କୃଷକଙ୍କ ପରିବାରର ଶିଶୁଙ୍କ ଶିକ୍ଷା ତଥା ମହିଳାଙ୍କୁ ସ୍ୱାବଲମ୍ବୀ ହେବା ବିଷୟରେ ତାଲିମ ଦିଆଯାଇଥିଲା । ଶିଶୁମାନଙ୍କୁ ପେନ୍, ପେନ୍‌ସିଲ୍ ଓ ଖାତା ବଣ୍ଟନ କରାଯାଇଥିଲା । ଏହି କର୍ମଶାଳାରେ ଶିକାବେହେଙ୍ଗାର ଚାଷୀ ହନୁମାନ ଭୋଇ, ନାରାୟଣ ମହାକୁର, ଜୁଗେଶ୍ୱର ପଟେଲ, ଅଯୋଧା ପଟେଲ, ମହନ ପଟେଲ, ଦୁଃଖିଶ୍ୟାମ ପଟେଲ, ଲଲିତ ମୋହନ ପଟେଲ, ମିନା ପଟେଲ, ମନ୍ଦାକିନି ପଟେଲ, ସସ୍ମିତା ପଟେଲ, ସୁଜାତା ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଏହା ସହିତ ଶିଶୁଶିକ୍ଷା କର୍ମଶାଳାରେ ସ୍ୱାଗତ ପଟେଲ, ଶାଶ୍ୱତ ପଟେଲ, ସୁନୀଳ ପଟେଲ, ରିତ୍ୱିକ ପଟେଲ, ରିତିମା ପଟେଲ, ଦେବାଶିଷ ପଟେଲ, ଶ୍ରୀଶା ପଟେଲ, ରୋଶନୀ ମହାକୁର, ଶିବାନୀ ପଟେଲ ପ୍ରମୁଖ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ଭୌତିକ ଚିକିତ୍ସା ପ୍ରଶିକ୍ଷଣ କର୍ମଶାଳା

ପ୍ରକାଶପୁର/ବରଗଡ଼: ଅମ୍ବାଭୋନା ବ୍ଲକ୍ ଅନ୍ତର୍ଗତ ଭୁକ୍ତା ବିଇଓ ଅଫିସ୍ ପରିସରରେ ଶିକ୍ଷା ବିଭାଗ ପକ୍ଷରୁ ଦୁଇ ଦିନିଆ ଭିନ୍ନକ୍ଷମ ଭୌତ୍ତିକ ଚିକିତ୍ସା ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କନିଷ୍ଠ କିରାଣୀ ପ୍ରଦୀପ ଦଣ୍ଡସନା, କିଶୋର ପଧାନ, ଭାଗବତ ବେହେରା, ଈଶ୍ୱର ସାହୁ, ପ୍ରଶାନ୍ତ କୁମାର ଭୋଇ ଓ ନିମାଇଁ ନାୟକ ଯୋଗ ଦେଇଥିଲେ । ଏହି ଅବସରରେ ଯୋଗ ପ୍ରଶିକ୍ଷକ ହେମନ୍ତ ସାହା ଓ ଲମ୍ବୋଦର ସାହୁ ଯୋଗଦେଇ ଦିବ୍ୟାଙ୍ଗ ଶିଶୁଙ୍କୁ ଇଲେକ୍ଟ୍ରୋନିକ୍ସ ଡିଭାଇସ୍ ଶାରୀରିକ ଅକ୍ଷମତା, ମାନସିକ ଅନଗ୍ରସରେ ପୀଡିତଙ୍କୁ ଭୌତ୍ତିକ ଚିକିତ୍ସା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏଥିରେ ରମେଶ ଚନ୍ଦ୍ର ମେହେର ଓ ପ୍ରିୟରଞ୍ଜନ ଦୋରାଙ୍କ ନେତୃତ୍ୱରେ ଆଇଇଭି ଏସ୍ ମେହେର, ହୃଶିକେଶ ପ୍ରଧାନ, ପରକ୍ଷିତ ଗୌଡି ଏବଂ ସମେତ ଭୁକ୍ତା ବ୍ଲକ୍ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**ଶିକ୍ଷା**

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।



# Correction of Errors

Wrong : They are not as intelligent as they are expected.
Right : They are not as intelligent as they are expected to be.
Wrong : Can you tell me who is he?
Right : Can you tell me who he is?"
Wrong : The woman told that you are absent that day.
Right : The woman told that you were absent that day.
Wrong : Day I met you I got a true friend.
Right : The day I met you I got a true friend.
Wrong : Unless you don't work hard,you cannot achieve your goal.
Right : Unless you work hard,you cannot achieve your goal.
Wrong : No sooner I had finished my lunch when you called me.
Right : No sooner did I finish my lunch than you called me.
Wrong : Would you help me to finish this work?
Right : Would you help me finish this work?
Wrong : He has recently taken to write verses.
Right : He has recently taken to writing verses.
Wrong : This class is consisting of 100 students.
Right : This class consists of 100 students.
Wrong : England won the match in three wickets.
Right : England won the match by three wickets.

# ପାରା କର୍ମଚାରୀଙ୍କ କଳାବ୍ୟାଚ ପରିଧାନ



ଟିକିରି/ରାୟଗଡା: ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଟିକିରି ସ୍ଥିତ ବନବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଦିନ ପାରା ତଥା ଆଉଟ୍‌ସୋର୍ସିଂ କର୍ମଚାରୀ କଳାବ୍ୟାଚ ପରିଧାନ କରି ପ୍ରତିବାଦ କରିଛନ୍ତି । ବିଭିନ୍ନ ଦାବି ନେଇ ସେମାନେ ପ୍ରତିବାଦ ଜଣାଇଥିଲେ । ଯଦି ଆମର ଦାବିଗୁଡ଼ିକ ସମାଧାନ ନ ହୁଏ  ଆସନ୍ତା ୨୬ ତାରିଖରେ ଭୁବନେଶ୍ୱର ଠାରେ ବଡ଼ ଧରଣରର ଆନ୍ଦୋଳନ କରିବେ ବୋଲି ଚେତାବନୀ ଶୁଣାଇଛନ୍ତି । କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ ସେମାନେ ଦିନରାତି ଖଟୁଥିଲେ ମଧ୍ୟ ଉଚିତ୍ ପ୍ରାପ୍ୟ ପାଉନାହାନ୍ତି । ନିକଟରେ ରାଜ୍ୟ ସରକାର ଚୁକ୍ତିଭିତ୍ତିକ ନିଯୁକ୍ତି ଉଠାଇଥିବା ବେଳେ ବିଭିନ୍ନ କାର୍ଯ୍ୟାଳୟ କାର୍ଯ୍ୟରତ ଆଉଟ୍‌ସୋର୍ସିଂ ପ୍ରତି ଅନ୍ୟାୟ ଏବଂ ପ୍ରତାରଣା କରାଯାଉଥିବା ଅଭିଯୋଗ କରିଛନ୍ତି । ରାଜ୍ୟ ସଂଘ ନିଷ୍ପତ୍ତି କ୍ରମେ ସେମାନେ କଳାବ୍ୟାଚ ପରିଧାନ କରିଛନ୍ତି । ଯଦି ରାଜ୍ୟ ସରକାର ଏମାନଙ୍କ କୌଣସି ବିଚାର ନକରନ୍ତି ତାହାହେଲେ ଆସନ୍ତା ୨୬ ତାରିଖରେ ଭୁବାନଶ୍ୱର ଠାରେ ବଡ଼ ଧରଣର ଆଦୋଳନ ହେବ ବୋଲି କହିଛନ୍ତି । ଟିକିରି ପାରା କମଚାରୀ ସେହି ଆନ୍ଦୋଳନରେ ଯୋଗଦେବେ ବୋଲି ସଂଘ ପକ୍ଷରୁ ପ୍ରକାଶ କରିଛନ୍ତି ନିରଞ୍ଜନ ପାତ୍ର, ଏମିଡି ମାଝୀ, ନିରଞ୍ଜନ ଚୌଧୁରୀ, ଲଙ୍କ ମାଝୀ, ରଞ୍ଜିତ ଖୋସଲା, ମିର୍ହି ଦାସ, ରଞ୍ଜନ ମାଝୀ, ନରେସ ମାଝୀ, ତିଲି ମଝି, ଶିବ ମାଝୀ, ତୁମ୍ଭେଶ୍ୱର ମଝି, କୈଳାସ ମଝି, ବିନଦ ମାଝୀ, ବ୍ରଜ ଗରଦ୍, ପୁର୍ଣ୍ଣ ଚନ୍ଦ୍ର ମାଝୀଙ୍କ ସହିତ ଅନ୍ୟ ପରକର୍ମଚାରୀ ମାନେ ଉପସ୍ଥିତ ରହି ଆସନ୍ତା ୨୬ ତାରିଖରେ ଆନ୍ଦୋଳନରେ ସାମିଲ ହେବାକୁ ପରା କର୍ମଚାରୀ ମାନଙ୍କୁ ଅନୁରୋଧ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭୋଟ୍ ପୂର୍ବରୁ...

ଦାସ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ଉପର୍ନିବାଚନ ପାଇଁ ଜୟନ୍ତ ଥପା, ଶେଷଦେବ ସାହୁ, ବୃନ୍ଦାବନ ପୁରୋହିତ, ରେବତୀ ଗିରି, ଉଦିତ ବଣ୍ଡିଆ, ଦେବାର୍ଚ୍ଚନ ନାଏକ ଓ ବିଦ୍ୟାଧର ପାଣ୍ଡେ ମଧ୍ୟ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ଏକଥା ସମସ୍ତଙ୍କୁ ଜଣା ଯେ ପଦ୍ମପୁର ଉପର୍ନିବାଚନରେ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଅସଲ ଲଢେ଼ଇ ହେବ । ସ୍ୱର୍ଗତ ବିଧାୟକ ବିଜୟ ରଂଜନ ସିଂ ବରିହା ଜଣେ ଲୋକପ୍ରିୟ ନେତା ହୋଇଥିବାରୁ ତାଙ୍କ ଝିଅ ବର୍ଷାଙ୍କୁ ମତଦାତା ଭୋଟ ଦେଇପାରନ୍ତି । ଅନ୍ୟପଟରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ଗତ ବିଧାନସଭା ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିଲେ ଏବଂ ସେ ୨୦୧୪ ନିର୍ବାଚନରେ ବିଜୟୀ ହୋଇଥିଲେ । ଚାଷୀଙ୍କ ପାଇଁ ସବୁବେଳେ ଲଢେଇ କରୁଥିବାରୁ ପ୍ରଦୀପ ପୁରୋହିତଙ୍କ ଉପରେ ମଧ୍ୟ ମତଦାତା ଭରସା ରଖିପାରନ୍ତି । ସେହିପରି କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ପୂର୍ବରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀରୁ ୩ ଥର ବିଧାୟକ ହୋଇସାରିଥିବାରୁ ତାଙ୍କୁ ମଧ୍ୟ ଭଲ ଭୋଟ ମିଳିପାରେ ।

ଅନ୍ୟପଟେ ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ଦାବିରେ ଆନ୍ଦୋଳନ ଚାଲିଥିବା ବେଳେ, ଉପର୍ନିବାଚନ ଆଗରୁ ଜିଲ୍ଲା ମାନ୍ୟତା ଇସ୍ୟୁକୁ କ୍ୟାଚ୍ କରିବା ପାଇଁ ନୂଆ ଫନ୍ଦି ବାହାର କରିଥିଲା ବିଜେଡି । ଅନ୍ୟପଟେ ତେଣୁ ହଠାତ୍ ରାଜ୍ୟ ସରକାର ମରୁଡ଼ି ସହାୟତା ଘୋଷଣା କରିବା ଓ କେନ୍ଦ୍ର ସରକାର ବୀମା ରାଶି ପ୍ରଦାନ କରିବା ଉଦ୍ଦେଶ୍ୟ ନିର୍ବାଚନକୁ ପ୍ରଭାବିତ କରିବା ନୁହେଁ ତ ? ଯାହାକୁ ନେଇ ସରକାରଙ୍କ ନିୟତ ଉପରେ ପ୍ରଶ୍ନ ଉଠାଇଛନ୍ତି ଚାଷୀ । ଓଡିଶାର ଭାତହାଣ୍ଡି ବରଗଡ । ଚାଷ ହିଁ ଜିଲ୍ଲାବାସୀଙ୍କ ପ୍ରମୁଖ ବେଉସା । କିନ୍ତୁ ଚାଷୀଙ୍କୁ ଦୀର୍ଘ ବର୍ଷ ଧରି ମଣ୍ଡି ସମସ୍ୟା, ଜଳସେଚନ ଧୋକ୍କା, ଟୋକନ ଲାମ୍ପ, ଧାନ ଅଭାବୀ ବିକ୍ରି ଭଳି ଯନ୍ତ୍ରଣା ଭୋଗିବାକୁ ପଡୁଛି । ଯାହାକୁ ନେଇ ପଦ୍ମପୁର ଉପର୍ନିବାଚନ ସରକାରଙ୍କୁ ଉଚିତ୍ ଜବାବ ଦେବାର ସମୟ ବୋଲି ଧରି ନେଇଛନ୍ତି ପଦ୍ମପୁରବାସୀ । ଚାଷୀଙ୍କ ସମସ୍ୟାକୁ ନେଇ ଉଭୟ ଦଳଙ୍କ କ୍ରେଡିଟ୍ ପ୍ରତିଯୋଗିତା ଭିତରେ ଚାଷୀଙ୍କ ଭୋଟ କାହାକୁ ଯାଉଛି ତାହା ଦେଖିବାର କଥା ।

### ସ୍ୱତନ୍ତ୍ର ଜିଲ୍ଲା...

ପଦ୍ମପୁର ସ୍ଥିତ ମା' କାଳୀଙ୍କ ମନ୍ଦିରରେ ଦୀପ ଦାନ କରିଛନ୍ତି ବିଭିନ୍ନ ଅନୁଷ୍ଠାନର ଲୋକେ । ପଦ୍ମପୁରକୁ ଜିଲ୍ଲା ମାନ୍ୟତା ପାଇଁ ଦୀର୍ଘ ୩ ଦଶନ୍ଧି ଧରି ଦାବି ହୋଇଆସୁଛି । ୨୦୧୯ ମସିହାରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସର୍ବଦଳୀୟ ପ୍ରତିନିଧି ଦଳ ସାକ୍ଷାତ କରିଥିଲେ । ଏହାର ୩ ବର୍ଷ ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ସେ ସମୟରେ ଦେଇଥିବା ପ୍ରତିଶ୍ରୁତିର କୌଣସି ପ୍ରତିଫଳନ ଦେଖିବାକୁ ମିଳିନାହିଁ । ଏବେ ପୁଣିଥରେ ପଦ୍ମପୁର ଉପର୍ନିବାଚନ ପୂର୍ବରୁ ଏହି ଦାବି ଜୋର ଧରିଥିବା ବେଳେ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ମିଳିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି ।

### ହାତୀ ମୃତ୍ୟୁ ରୋକିବାକୁ ...

ହାତୀ ମୃତ୍ୟୁ ରୋକିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଜଏଣ୍ଟ ଟାସ୍କ ଫୋର୍ସର ସତ୍ୟପାଠରେ ଦର୍ଶାଯାଇଛି । ଅନ୍ୟପକ୍ଷେ, ଜଏଣ୍ଟ ଟାସ୍କ ଫୋର୍ସରେ ବିଶିଷ୍ଟ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ ଏବଂ ଡଃ ବିଶ୍ୱଜିତ ମହାନ୍ତିଙ୍କୁ ସାମିଲ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି । ଜେଟିଏଫ୍ ଦ୍ୱାରା ପ୍ରସ୍ତୁତ ଆକ୍ସନ ପ୍ଲାନ୍ ବିଷୟ ଉପରେ କେତେ ଦୂର କାର୍ଯ୍ୟକାରୀ କରାଯାଇଛି, ସେନେଇ ଜଣାଇବା ପାଇଁ କୋର୍ଟ କହିଛନ୍ତି । ଏହାସହ ହାତୀ ଶିକାରକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ହାତୀ ଶିକାରକୁ ନେଇ ଦାୟର ସମସ୍ତ ମାମଲାର ତ୍ୱରିତ ବିଚାର ପାଇଁ ପଦକ୍ଷେପ ନେବାକୁ ଜେଟିଏଫ ସଦସ୍ୟ ତଥା ଅତିରିକ୍ତ ଏସପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଶୁଣାଣି ବେଳେ ଜେଟିଏଫର ସମସ୍ତ ସଦସ୍ୟ ଭିଡିଓ କନଫରେନ୍ସିଂ ଜରିଆରେ ଉପସ୍ଥିତ ଥିଲେ । କର୍ଣ୍ଣାଟକ ଏବଂ ଇଷ୍ଟ ସେଣ୍ଟ୍ରାଲ୍ ଏଲିଫାଣ୍ଟ ଆକ୍ସନ ପ୍ଲାନ୍‌କୁ ତର୍ଜମା କରି ସେହି ଆଧାରରେ ପଦକ୍ଷେପ ନେବାକୁ ଜେଟିଏଫକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଜାନୁଆରୀ ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

### ବରଗଡ଼ର ଦେଶୀ ହାଟ...

ମେଲିଛି । କିଏ ନିଜ ଜମିରେ ଅମଳ ହୋଇଥିବା ବାଇଗଣ ବିକ୍ରି କରିବାକୁ ଆସିଛି ତ, କିଏ ଖୁଡ଼ଙ୍ଗ ଧରି ଆସିଛି । ଏହି ଚାଷୀମାନେ ଫସଲ ବିକ୍ରି ଅର୍ଥରୁ ଘର ପାଇଁ ଆବଶ୍ୟକ ପନିପରିବା ମଧ୍ୟ ଏଠାରୁ କିଣି ପାରୁଛନ୍ତି । ଭିତ୍ତିଭୂମି ସେବା ସଂଗଠନ, ଫିକଲ, ସ୍ୱିସ ଏଡ ଏବଂ କଟାପାଲି ପଞ୍ଚାୟତ ମୁଖିଆଙ୍କ ମିଳିତ ସହଯୋଗରେ ଏହି ଦେଶୀ ହାଟ ମାତ୍ର ମାସକ ତଳୁ ଆରମ୍ଭ ହୋଇଛି । ହେଲେ ଏହି ହାଟ କମ ଦିନ ମଧ୍ୟରେ ବେଶ ଚର୍ଚ୍ଚାର ବିଷୟ ହୋଇଛି । ଗୋବର ସାଙ୍ଗକୁ ଅବ୍ୟବହୃତ ପରିବା ଓ ପରିବା ଚୋପା, ବିଭିନ୍ନ ଗଛର ପତ୍ରକୁ ନେଇ ତିଆରି ହେଉଛି ଜୈବିକ ଖତ । ଅମୁରୀ ପତ୍ର, ଅରଖପତ୍ର, କଲତାପତ୍ରକୁ ନେଇ ପ୍ରସ୍ତୁତ ହେଉଛି କୀଟନାଶକ । ଯାହା ଫଳରେ ପନିପରିବା ଖାଇଲେ କୌଣସି ରୋଗ ହେବାର ସମ୍ଭାବନା ନ ଥିବା କହିଛନ୍ତି ଜଣେ ଚାଷୀ । ସୂଚନା ମୁତାବକ, ବରଗଡ଼ ଜିଲ୍ଲାରେ ଧାନ ଓ ପନିପରିବା ଚାଷ ମଧ୍ୟ ବହୁଳ ହୋଇଥାଏ । ଏଥିରୁ ପ୍ରଚୁର ପରିମାଣର ରାସାୟନିକ ସାର ଓ କୀଟନାଶକ ବ୍ୟବହାର ହେଉଛି । ଯାହା ଫଳରେ ଜିଲ୍ଲାରେ କ୍ୟାନସର, ହୃଦ୍‌ଘାତ, କିଡ୍ନୀ ପରି ରୋଗୀଙ୍କ ସଂଖ୍ୟା ବିବାରେ ଲାଗିଛି । ଯାହା ଅତ୍ୟନ୍ତ ଚିନ୍ତାର ବିଷୟ ହୋଇଛି ।

# ନବଜ୍ୟୋତି ଦିବ୍ୟାଙ୍ଗ ସଂଘର ମହାସଭା

## ସରକାରୀ ସ୍ତରରେ ଭିନ୍ନକ୍ଷମଙ୍କୁ ଆତ୍ମନିର୍ଭରଶୀଳ କରାଯିବାକୁ ଦାବି

ଅମ୍ବାଭୋନା /ବରଗଡ଼: ଅମ୍ବାଭୋନା ବ୍ଲକ୍ ଅନ୍ତର୍ଗତ ପ୍ରକାଶପୁର ଲାଲବାହାଦୁର ଶାସ୍ତ୍ରୀ କୃଷକ ସଂଗଠନର କୃଷକ ଭବନଠାରେ ନବଜ୍ୟୋତି ଦିବ୍ୟାଙ୍ଗ ସଂଘ ଆନୁକୂଲ୍ୟରେ ଏକ ମହାସଭା ଅନୁଷ୍ଠିତ ହୋଇଛି । ସଂଘର ସଭାପତି ଦୟାନିଧି ସେଠଙ୍କ ଅଧକ୍ଷତାରେ ଅମ୍ବାଭୋନା ବ୍ଲକ୍‌ର ୧୫ ଟି ଗ୍ରାମପଞ୍ଚାୟତର ପ୍ରତ୍ୟେକ ଗ୍ରାମର ଦିବ୍ୟାଙ୍ଗ ମାନଙ୍କୁ ସରକାରୀ ସ୍ତରର ବିଭିନ୍ନ ଯୋଜନାରେ ସାମିଲ କରାଯାଇ ଆତ୍ମନିର୍ଭରଶୀଳ ସଂପର୍କରେ ବିଶଦ ଆଲୋକପାତ କରାଯାଇଥିଲା । ଦିବ୍ୟାଙ୍ଗ ସଂଘପକ୍ଷରୁ ଦୃଷ୍ଟିହୀନତା, ଶ୍ରବଣବାଧିତା, ଶାରୀରିକ ଅକ୍ଷମତା, ମାନସିକ ଅନଗ୍ରସ ଆଦିଙ୍କ ମୌଳିକ ଅଧିକାର ଓ ଅନନ୍ୟ ସରକାରୀ ସୁବିଧା ସୁଯୋଗ ଉପରେ ବ୍ଲକ୍ ପଦାଧିକାରୀଙ୍କ ଠାରୁ ଆରମ୍ଭ କରି ଓଡିଶାର ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଦ୍ୱାରସ୍ଥ କରାଯିବ ବୋଲି ସଭାରେ ମତବ୍ୟକ୍ତ କରାଯାଇଥିଲା । ଯାହାକି ଭିନ୍ନକ୍ଷମ ମାନଙ୍କ ମେଡିକାଲ ସାର୍ଟିଫିକେଟ, ଘରୋଇ ବସ୍ ଓ ସରକାରୀ ବସ, ଟ୍ରେନ୍ ପାସ୍, ସହାୟକ ଉପକରଣ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା, ଡିଆଇଆର ଋଣ, ସଂଘ ସରକାରୀ ଅନୁଦାନ ଓ ନିଜସ୍ୱ କାର୍ଯ୍ୟାଳୟ ଗୃହନିର୍ମାଣ ଏବଂ ପଞ୍ଚାୟତ ସ୍ତରୀୟ ଦିବ୍ୟାଙ୍ଗ ବୈଠକ ସଂପର୍କରେ ସଭାରେ ପ୍ରସ୍ତାବ ଗୁଡିକ ଗୃହିତ କରାଯାଇଥିଲା । ସଂଘ ସମ୍ପାଦକ ଶଶୀଭୂଷଣ ପଧାନ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ । ଏଥିରେ ଦିବ୍ୟାଙ୍ଗ ସଂଘର ସଦସ୍ୟ ହୃଷିକେଶ ପଧାନ, ହୃଶିକେଶ ଦେହେରୀ, ରାଜେନ୍ଦ୍ର ଦେହେରୀ, ଚିତ୍ରସେନ ଡନସନା, ପର୍ଶୁରାମ ଭୋଇ, ଅରୂପାନନ୍ଦ ଭୁଏ, ଗଙ୍ଗାରାମ ଦାସ, ଛବିଲାଲ ସା, ପ୍ରଦୀପ ଦାଶ, ଜୀବନ ଜାମଡୋଲିଆ, ଗଜପତି ପ୍ରଧାନ, ପାଣ୍ଡବ ଦାସ, ରୂପେସ୍ବର ରଥ ,ବାଳମତୀ ପଧାନ,ମିତ୍ରଭାନୁ ବାରିକ, ଶ୍ୟାମଲାଲ ନାଏକ, ଲିଙ୍ଗରାଜ ନାଏକ, ଗଜାନନ ଖଡିଆ, କୀର୍ତ୍ତୀ ସାହୁ ପ୍ରମୁଖ ଉପସ୍ଥିତ ହୋଇ ଥିଲେ ।

# ଖରିଫ ଧାନକିଣା ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

ସୁବର୍ଣ୍ଣପୁର: ଚଳିତ ଖରିଫ ଋତୁରେ ଧାନକ୍ରୟକୁ ସୁରୁଖୁରୁରେ ଶେଷ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶେଷ ତତ୍ପରତା ପ୍ରକାଶ ପାଇଛ । ସୋସାଇଟି ସ୍ତରୀୟ ଧାନକ୍ରୟ କମିଟି ଗୁଡିକୁ କ୍ରିୟାଶୀଳ ତଥା ସୁବ୍ୟବସ୍ଥିତ କରିବା ପାଇଁ ପ୍ରତ୍ୟେକ ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେ ପରାମର୍ଶ ଦେଇଛନ୍ତି । ଗତ ୭ ତାରିଖରେ ଏ ସମ୍ପର୍କିତ ଏକ ବୈଠକରେ ଜିଲ୍ଲାପାଳ ପ୍ରତ୍ୟେକ ସୋସାଇଟି ସ୍ତରୀୟ ଧାନ କ୍ରୟ କମିଟି ସଭ୍ୟସଭ୍ୟାମାନଙ୍କୁ ଧାନର ମାନ, ସହାୟକ ମୂଲ୍ୟ ଓ କମିଟିର ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରିବାକୁ ପ୍ରତ୍ୟେକ ବ୍ଲକ୍ ସ୍ତରୀୟ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖରିଫ ଧାନ କ୍ରୟ ୨୦୨୨–୨୩ ଆରମ୍ଭ ହେବା ପୂର୍ବରୁ ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ ରାଇସ ମିଲ ଚାଉଳ ଦେୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ମିଲ ଗୁଡିକୁ ପରିଦର୍ଶନ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମ୍ପ୍ରତି ସୋସାଇଟି ସ୍ତରୀୟ ଧାନକ୍ରୟ କମିଟି ଗୁଡିକର ବୈଠକ ଆହୁତ ହୋଇ ସଭ୍ୟସଭ୍ୟାମାନଙ୍କୁ ଏହାର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରାଯାଉଛି । ଏହି କ୍ରମରେ ଜିଲ୍ଲାପାଳ ନିଜେ ହିଲୁଙ୍ଗ ଓ ଉଫୁଲା ସୋସାଇଟି ପରିଦର୍ଶନ କରି ଏ ବିଷୟରେ ଆଲୋଚନା କରିଥିଲେ । ଖରିଫ ଧାନ କ୍ରୟ ୨୦୨୨–୨୩ ବର୍ଷରେ ଭାଗ ନେବା ପାଇଁ ପ୍ରତ୍ୟେକ ମିଲର ୩୦ ତାରିଖ ସୁଦ୍ଧା ପୂର୍ବ ବର୍ଷର ସମସ୍ତ ଚାଉଳ ପ୍ରଦାନ କରିବା ବିଧେୟ ଅଟେ । ଏଣୁ ଏ ସମ୍ବନ୍ଧରେ ତତ୍ପର ହେବା ପାଇଁ ଜିଲ୍ଲାପାଳ ସମସ୍ତ ସରକାରୀ ଅଧିକାରୀ,ମିଲର ଓ ଉଚ୍ଚ ସ୍ତରୀୟ ଜିଲ୍ଲା ଅଧିକାରୀ ମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି ।

# ରାଜସୁନାଖଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ରଣପୁର/ନୟାଗଡ: ନୟାଗଡ଼ ଜିଲ୍ଲା ରଣପୁର ବ୍ଲକର ପ୍ରମୁଖ ବ୍ୟବସାୟୀକ ପେଣ୍ଠସ୍ଥଳି ଭାବେ ପରିଚିତ ରାଜସୁନାଖଳାର କଳା, ସାହିତ୍ୟ, ସଂସ୍କୃତିର ବିକାଶ ପାଇଁ ଗଢି ଉଠିଥିବା ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ରାଜସୁନାଖଳା ମହୋତ୍ସବ କମିଟିର ଅଧକ୍ଷଙ୍କ ଆର୍ତ୍ତତ୍ରାଣ ପ୍ରଧାନଙ୍କ ଅଧକ୍ଷତାରେ ସୋମବାର ଅପରାହ୍ଣ ୪ ଟାରେ ଅନୁଷ୍ଠିତ ହୋଇଯାଇଛି ଏକ ସାମ୍ବାଦିକ ସମ୍ମିଳନୀ । ଆଗାମୀ ଡିସେମ୍ବର ୮ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନବ୍ୟାପୀ ଏହି ମହୋତ୍ସବକୁ ଗତବର୍ଷମାନଙ୍କ ଅପେକ୍ଷା ଆହୁରି ଆକର୍ଷଣୀୟ କରିବା ନିମନ୍ତେ ପ୍ରତିଶ୍ରୁତି ରଖିଲେ ମହୋତ୍ସବ କମିଟି ଅଧକ୍ଷ ଆର୍ତ୍ତତ୍ରାଣ ପ୍ରଧାନ । ଗଣମାଧ୍ୟମ ପ୍ରତିନିଧିମାନଙ୍କର ପ୍ରଶ୍ନର ଉତ୍ତରରଖି କମିଟି ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ଚଳିତବର୍ଷ ମହୋତ୍ସବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ରାଜ୍ୟ ତଥା ରାଜ୍ୟବାହାରୁ ବହୁ ସାଂସ୍କୃତିକ ଦଳ ଆଣିବା ପାଇଁ ପ୍ରକାଶ କରିଛନ୍ତି । ବିଗତ ବର୍ଷରେ ବହୁ ଜନ ସମାଗମକୁ ଲକ୍ଷ୍ୟ ରଖି ଚଳିତ ବର୍ଷ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ମତପ୍ରକାଶ ପାଇଛି । ଏତଦ ବ୍ୟତୀତ ଦର୍ଶକମାନେ କିପରି ମିନା ବଜାର, ରାମଦୋଳି ଏବଂ ପଲ୍ଲିଶ୍ରୀ ମେଳାର ଭରପୁର ମଜା ଉଠାଇପାରିବେ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସାମ୍ବାଦିକମାନଙ୍କର ପ୍ରଶ୍ନର ଉତ୍ତର ରଖି କମିଟି ଉପାଧ୍ୟକ୍ଷ ପ୍ରସନ୍ନ କୁମାର ପ୍ରଧାନ ମତ ପ୍ରକାଶ କରିଥିଲେ । ଦେଖଣାହାରୀମାନଙ୍କର ସୁରକ୍ଷା ଏବଂ ସମସ୍ତ ପ୍ରକାରର ସୁବିଧା ଅସୁବିଧାର ତୁରନ୍ତ ପଦକ୍ଷେପ ନିମନ୍ତେ ରାଜସୁନାଖଳାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସହାୟତା ନିଆଯିବ ବୋଲି ଦୃଢୋକ୍ତି ପ୍ରକାଶ ପାଇଛି । ଅଞ୍ଚଳର ପ୍ରସିଦ୍ଧ ଶକ୍ତିପୀଠର ଅଧୀଶ୍ୱରୀ ଦେବୀ ମା'କାଉଁରୀଙ୍କର ଉଦ୍ଦେଶ୍ୟରେ ଚଳିତ ବର୍ଷ ମହୋତ୍ସବର ନାମ ରାଜସୁନାଖଳା ମହୋତ୍ସବ କାଉଁରୀ–୨୦୨୨ଶୀର୍ଷକ ରଖାଯିବା ପାଇଁ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଏକ ବାର୍ଷିକ ସ୍ମରଣୀକା କାଉଁରୀ ପ୍ରକାଶ କରାଯିବା ନିମନ ସ୍ମରଣୀକା କାଉଁରୀ ପ୍ରକାଶ କରାଯିବା ନିମନ୍ତେ କମିଟି ଅଧକ୍ଷ ଶ୍ରୀଯୁକ୍ତ ପ୍ରଧାନ ପ୍ରକାଶ କରିଥିଲେ । ଏଥିନିମନ୍ତେ ରାଜସୁନାଖଳାକୁ ଭଲ ପାଉଥିବା ରାଜ୍ୟର କବି, ଲେଖକ ତଥା ଗବେଷକମାନଙ୍କଠାରୁ ଲେଖା ନିମନ୍ତେ ଗଣମାଧମ ପ୍ରତିନିଧିମାନଙ୍କ ଜରିଆରେ ପଠାଇବା ପାଇଁ ପତ୍ରିକା ସମ୍ପାଦକ ମହୋଦୟ ଅନୁରୋଧ କରିଥିଲେ । ପ୍ରକାଶ ଥାଉକି ବିଗତ ୨୦୧୯ ମସିହାରେ ଆରମ୍ଭ ହୋଇଥିବା ଏହି ମହୋତ୍ସବ ମହାମାରୀ କରୋନା ସମୟରେ ବି ଡିଜିଟାଲ ମହୋତ୍ସବ ଆୟୋଜନ କରି ବେଶ ସୁନାମ ସାଉଁଟି ଥିଲା । ଉକ୍ତ କାର୍ଯ୍ୟକ୍ରମକୁ ମହୋତ୍ସବ କମିଟି ଅଧକ୍ଷ ପ୍ରଧାନ ଆହ୍ୱାନ କରିଥିବାବେଳେ କମିଟି ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ସମସ୍ତ ଗଣମାଧମ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ । ଉପାଧକ୍ଷ ପ୍ରସନ୍ନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବାବେଳେ ଯୁବ ସାମ୍ବାଦିକ ତଥା ସମାଜସେବୀ ରାଜେନ୍ଦ୍ର ସାହୁ ପରିଚାଳନା କରିଥିଲେ ।


# ବିଦେଶରେ ଶାସକ ଭାରତୀୟ ବଂଶୋଦ୍ଭବ

**ଦିନ ଥିଲା ବ୍ରିଟିଶ୍ ଶାସକ ଭାରତକୁ ଶାସନ କରୁଥିଲେ । ସେ ସମୟରେ ବ୍ରିଟିଶର୍‌ମାନେ ଭାରତୀୟଙ୍କ ପ୍ରତି ଅକଥନୀୟ ଅତ୍ୟାଚାର ମଧ କରୁଥିଲେ । ଲୋକଙ୍କୁ ନିର୍ଯାତନା ଦେବାରେ ସେମାନେ ସବୁ ସୀମା ଲଂଘି ଯାଉଥିଲେ । କିନ୍ତୁ ଆଜି ସମୟ ବଦଳିଯାଇଛି । ଭାରତୀୟ ବଂଶୋଭବ ଏବେ ବ୍ରିଟିଶରଙ୍କ ଉପରେ ଶାସନ କରିବା ଆରମ୍ଭ କରିଛନ୍ତି । ଭାରତୀୟ ବଂଶୋଦ୍ଭବ ଋଷି ସୁନକଙ୍କ ହାତକୁ ଆସିଛି ବ୍ରିଟେନ୍ ଶାସନର ଡୋରି । ତେବେ ବିଦେଶରେ ଭାରତୀୟ ବଂଶୋଦ୍ଭବମାନଙ୍କ କାନ୍ଧକୁ ଶାସନ ଦାୟିତ୍ୱ ଯିବା ନୂଆ କଥା ନୁହେଁ । ଅନେକ ଦେଶ ରହିଛି, ଯେଉଁଠାରେ ଭାରତୀୟ ବଂଶଧର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅଛନ୍ତି ।**



**ଋଷି ସୁନକ:** ବ୍ରିଟେନ୍‌ରେ ଆରମ୍ଭ ହୋଇଛି ଜଣେ ଭାରତୀୟଙ୍କ ରାଜ । ବ୍ରିଟିଶ ସାମ୍ରାଜ୍ୟବାଦ୍ କବଳରୁ ମୁକ୍ତି ପାଇବାର ୭୫ ବର୍ଷ ପରେ ଏଭଳି ଘୁରିଛି ସମୟର ଚକ୍ର ଯେ ସାରା ବିଶ୍ୱ ଚକିତ ହୋଇଛି । ଭାରତୀୟ ବଂଶୋଭବ ଋଷି ସୁନକ ଇଂଲଣ୍ଡର ୧୭ତମ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଦୀପାବଳିରେ ବ୍ରିଟେନ୍‌କୁ ମିଳିଛି ପ୍ରଥମ ହିନ୍ଦୁ ପ୍ରଧାନମନ୍ତ୍ରୀ । ଲିଜ ଟ୍ରସ୍‌ଙ୍କ ଇସ୍ତଫା ପରେ କଞ୍ଜରଭେଟିଭ୍ ପାର୍ଟି ଏକ ନୂଆ ନେତା ଚୟନ କରିଥିଲେ ଯେଉଁଥିରେ ଋଷି ସୁନକ ବିନା ବିରୋଧରେ ନିର୍ବାଚିତ ହୋଇଥିଲେ । ଋଷି ସୁନକଙ୍କ ପିତାମାତା ହେଉଛନ୍ତି ପଞ୍ଜାବୀ ହିନ୍ଦୁ ଯାହାଙ୍କ ନାମ ଯଶବୀର ସୁନକ ଏବଂ ମାଆଙ୍କ ନାମ ଉଷା ସୁନକ । ତାଙ୍କ ମା' ଜଣେ ଫାର୍ମାସିଷ୍ଟ ହୋଇଥିବା ବେଳେ ବାପା ଜଣେ ସାଧାରଣ ଚିକିତ୍ସକ ଥିଲେ । ଋଷି ୧୨ ମେ' ୧୯୮୦ରେ ଇଂଲଣ୍ଡର ସାଉଥମ୍ପଟନ୍‌ରେ ଜନ୍ମଗ୍ରହଣ କରିଥିଲେ ଏବଂ ୨୦୦୯ରେ ଭାରତୀୟ ବୈଷୟିକ କମ୍ପାନୀ ଇନଫୋସିସର ପ୍ରତିଷ୍ଠାତା ନାରାୟଣ ମୁର୍ତ୍ତୀଙ୍କ ଝିଅ ଅକ୍ଷତା ମୁର୍ତ୍ତୀଙ୍କୁ ବିବାହ କରିଥିଲେ । ୧୩ ଫେବୃଆରୀ ୨୦୨୦ ରେ ଋଷି ସୁନାକଙ୍କୁ ରାଜକୋଷର ଚାନ୍ସଲର୍ ଭାବରେ ନିଯୁକ୍ତ କରାଯାଇଥିଲା । ସେ ପୂର୍ବରୁ ୨୪ ଜୁଲାଇ ୨୦୧୯ରୁ ୧୩ ଫେବ୍ରୁଆରୀ ୨୦୨୦ ପର୍ଯ୍ୟନ୍ତ ଟ୍ରେଜେରୀର ମୁଖ୍ୟ ସଚିବ ଥିଲେ । ୯ ଜାନୁୟାରୀ ୨୦୧୯ ରୁ ୨୪ ଜୁଲାଇ ୨୦୧୯ ପର୍ଯ୍ୟନ୍ତ ଗୃହ, ସମୁଦାୟ ଏବଂ ସ୍ଥାନୀୟ ପ୍ରଶାସନ ମନ୍ତ୍ରଣାଳୟର ସଂସଦୀୟ ସଚିବ ଭାବରେ କାର୍ଯ୍ୟ କରିଥିଲେ । ଋଷି ମେ' ୨୦୧୫ ରେ ରିଚମଣ୍ଡ (ୟର୍କ) ପାଇଁ କଞ୍ଜରଭେଟିଭ୍ ପାର୍ଟି ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ଜୁନ୍ ୨୦୧୭ ରୁ ତାଙ୍କର ମନ୍ତ୍ରୀପଦରେ ନିଯୁକ୍ତି ପର୍ଯ୍ୟନ୍ତ ବ୍ୟାପାର, ଶକ୍ତି ଏବଂ ଔଦ୍ୟୋଗିକ ରଣନୀତି ବିଭାଗରେ ସଂସଦୀୟ ବ୍ୟକ୍ତିଗତ ସଚିବ ଭାବରେ କାର୍ଯ୍ୟ କରିଥିଲେ ।

**ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ ଆଣ୍ଟୋନିଓ କୋଷ୍ଟା:** ୨୦୧୫ ନଭେମ୍ବର ୨୬ରୁ ଆଣ୍ଟୋନିଓ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଛନ୍ତି । ସେ ଏକାଧାରରେ ଜଣେ ଆଇନଜୀବୀ ଏବଂ ରାଜନେତା । ଆଣ୍ଟୋନିଓଙ୍କ ବାପା ଓର୍ଲାଣ୍ଡୋ ଡା କୋଷ୍ଟା ଗୋଆର କୋଷ୍ଟା ପରିବାରର ହୋଇଥିବାବେଳେ ମା' ମାରିଆ ଆଣ୍ଟୋନିଓ କାଲ୍ଲା ପର୍ତ୍ତୁଗାଲ୍‌ର ବାସିନ୍ଦା । କୋଷ୍ଟା ପରିବାର ଗୋଆରେ ବାବୁଶ ଭାବେ ଗଣାଯାନ୍ତି । ୧୯୮୦ରେ ଆଣ୍ଟୋନିଓ ୟୁନିଭର୍ସିଟି ଅଫ୍ ଲେସ୍ବୋନ୍‌ରେ ଆଇନ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ । ୧୯୯୭ରୁ ୧୯୯୯ ଆଣ୍ଟୋନିଓ ଗୁଟେରସ୍ ଯେତେବେଳେ ପର୍ତ୍ତୁଗାଲ୍‌ର ପ୍ରଧାନମନ୍ତ୍ରୀ ଥିଲେ ସେ ସମୟରେ କୋଷ୍ଟା ରାଜନୀତିକୁ ପ୍ରବେଶ କରିଥିଲେ ।



**ପ୍ରବିନ୍ଦ କୁମାର ଜୁଗନାଥ:** ୨୦୧୭ରୁ ମରିସସ୍ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଭାରତୀୟ ବଂଶଧର ପ୍ରବିନ୍ଦ କୁମାର ଜୁଗନାଥ । ୧୯୯୦ରେ ମିଲିଟାଣ୍ଟ ସୋସିଆଲିଷ୍ଟ ମୁଭ୍‌ମେଣ୍ଟ (ଏମ୍‌ଏସ୍‌ଏମ୍) ପାର୍ଟିରେ ସାମିଲ ହୋଇଥିଲେ । ସେ୧୯୬୧ ଡିସେମ୍ବର ୨୫ରେ ମରିସସ୍‌ର ଭାକୋସ୍-ଫୋଇନିକ୍ସର ଏକ ହିନ୍ଦୁ- ଆହିର ପରିବାରରେ ଜନ୍ମ ଗ୍ରହଣ କରିଥିଲେଛ ବାପା ଅନିରୁଦ୍ଧ ଜୁଗନାଥ ପେସାରେ ଓକିଲ ହୋଇଥିବାବେଳେ ତାଙ୍କ ମା' ସରୋଜିନୀ ବାଲ୍ଲାହ ଜଣେ ସ୍କୁଲ ଶିକ୍ଷୟିତ୍ରୀ ଥିଲେ ।



**ପୃଥ୍ୱୀରାଜସିଂ ରୁପୁନ:** ମରିସସ୍‌ର ରାଷ୍ଟ୍ରପତି ପୃଥ୍ୱୀରାଜସିଂ ରୁପୁନ ଭାରତୀୟ ଆର୍ଯ୍ୟ ସମାଜୀ ହିନ୍ଦୁ ପରିବାରରେ ଜନ୍ମ ଗ୍ରହଣ କରିଛନ୍ତି । ମରିସସ୍ ରାଷ୍ଟ୍ରପତି ଥିବା ପୃଥ୍ୱୀରାଜ ଜଣେ ଭାରତୀୟ ବଂଶୋଭ ବ ଅଟନ୍ତି । ତାଙ୍କ ପରିବାର ମୋରସେଲେମେଣ୍ଟରେ ରୁହନ୍ତି । ୧୯୮୩ରେ ପୃଥ୍ୱୀରାଜ ପ୍ରଥମ ଥର ପାଇଁ ପଲିଟିକାଲ ପାର୍ଟିରେ ଯୋଗ ଦେଇଥିବାବେଳେ ୧୯୯୫ରେ ସେ ପ୍ରଥମ କରି ନିର୍ବାଚନରେ ଅଂଶଗ୍ରହଣ କରିଥିଲେ ।



**ହଲିମାହ ୟାକୋବ୍:** ସିଙ୍ଗାପୁରର ଅଷ୍ଟମ ଏବଂ ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ହଲିମାହ ୟାକୋବ୍ ଜଣେ ଭାରତୀୟ ବଂଶୋଭବ । ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ହଲିମାହ ପାର୍ଲାମେଣ୍ଟ ବାଚସ୍ପତି ଭାବେ କାର୍ଯ୍ୟ କରୁଥିଲେ । ସିଙ୍ଗାପୁରର କୁଇନ୍ ଷ୍ଟିଟ୍‌ରେ ତାଙ୍କ ଘର । ତାଙ୍କ ବାପା ଭାରତୀୟ ହୋଇଥିବାବେଳେ ମା' ମଲାୟ ଅଟନ୍ତି । ହଲିମାହଙ୍କ ବାପା ୱାଚ୍‌ମ୍ୟାନ୍ ଚାକିରି କରିଥିବାବେଳେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଥିଲା । ବାପାଙ୍କ ମୃତ୍ୟୁ ପରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଥିବାବେଳେ ଏକ ଚାଳିଆ ହୋଟେଲ କରି ସେଥିରୁ ଆୟ ଅର୍ଥରେ ପରିବାର ପ୍ରତିପୋଷଣ କରୁଥିଲେ ।



**ଚାନ୍ ସନ୍ତୋଖି:** ସୁରିନାମର ପୂର୍ବତନ ପୋଲିସ୍ ଅଧିକାରୀ ତଥା ବର୍ତ୍ତମାନର ରାଷ୍ଟ୍ରପତି ଚାନ୍ ସନ୍ତୋଖିଙ୍କ ଜନ୍ମ ୧୯୫୯ ଫେବୃୟାରୀ ୧୩ରେଛ । ୨୦୨୦ରେ ସେ ସୁରିନାମର ନବମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ । ସେ ଜଣେ ଇଣ୍ଡୋ-ସୁରନାମିଜ୍ ହିନ୍ଦୁ । ତାଙ୍କ ବାପା ବନ୍ଦରରେ କାର୍ଯ୍ୟ କରୁଥିବାବେଳେ ମା' ଶପ୍ ଆସିଷ୍ଟାଣ୍ଟ ଚାକିରି କରିଥିଲେ ।



**ମହମ୍ମଦ ଇର୍‌ଫାନ୍ ଅଲ୍ଲୀ:** ଗୁଏନାର ପ୍ରଥମ ମୁସଲମାନ ରାଷ୍ଟ୍ରପତି ହେଉଛନ୍ତି ମହମ୍ମଦ ଇରଫାନ୍ ଅଲ୍ଲୀ । ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ଏମ୍ପି ଓ ହାଉସିଂ ମିନିଷ୍ଟର ଭାବେ କାର୍ଯ୍ୟ କରୁଥିଲେ । ଇଣ୍ଡୋ-ଗୁଏନିଜ୍ ମୁସଲମାନ ପରିବାରରେ ଇରଫାନ୍‌ଙ୍କ ଜନ୍ମ । ୧୯୮୦ ଏପ୍ରିଲ୍ ୨୫ରେ ଗୁଏନାର ଲେଓନୋରାରେ ତାଙ୍କ ଜନ୍ମ ।

**କମଲା ହାରିସ:** ଆମେରିକାରେ ଉପରାଷ୍ଟ୍ରପତି ଥିବା କମଲା ହାରିସ ମଧ ଜଣେ ଭାରତୀୟ ବଂଶୋଭବ ଅଟନ୍ତି । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଭଳି ପଦକୁ ଛାଡ଼ିଦେଲେ ଭାରତୀୟ ଅନେକ ଦେଶରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି ।

Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ- ଡ. ଜ୍ୟୋତିର୍ମୟ ପଟ୍ଟନାୟକ